ଆଜି - ମଙ୍ଗଳବାର
ତାରିଖ - ୧୬ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୨
ତିଥି - ଦ୍ୱିତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ଆଦ୍ରା, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 63 R.N.I. REGD. No. 44026/86 ବାଲେଶ୍ୱର ୧୬ ଜୁନ୍ ୨୦୨୬ ମଙ୍ଗଳବାର BALASORE 16 JUNE 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ପ୍ରତିଟି ପଦକ୍ଷେପରେ ଆମେ ଅସୀମତାକୁ ଅତିକ୍ରମ କରୁ, ପ୍ରତି ମୁହୂର୍ତରେ ଆମେ ଶାଶ୍ୱତତାର ସମ୍ମୁଖୀନ ହେଉ ।"

– ରବୀନ୍ଦ୍ର ନାଥ ଠାକୁର

## ପ୍ରଧାନମନ୍ତ୍ରୀ ଓ ସ୍ଲୋଭାକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀଙ୍କ ମିଳିତ ବିବୃତି



ଭୁବନେଶ୍ୱର : ସ୍ଲୋଭାକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ମହାମହିମ ରବର୍ଟ ଫିକୋଙ୍କ ନିମନ୍ତ୍ରଣ କ୍ରମେ, ଭାରତ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ନରେନ୍ଦ୍ର ମୋଦୀ ୧୫ ଜୁନ୍ ୨୦୨୬ରେ ସ୍ଲୋଭାକ୍ ଗଣତନ୍ତ୍ରକୁ ଏକ ସରକାରୀ ପରିଦର୍ଶନ କରିଛନ୍ତି । ୧୯୯୩ ମସିହାରେ ସ୍ଲୋଭାକିଆର ସ୍ୱାଧୀନତା ପରଠାରୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ସ୍ଲୋଭାକିଆ ଗସ୍ତ, ଯାହା ଏକ ଐତିହାସିକ ମାଇଲଖୁଂଟ ସ୍ଥାପନ କରିଛି ଏବଂ ଦୁଇ ଦେଶ ମଧ୍ୟରେ ଥିବା ସ୍ଥାୟୀ ଦୃଢ଼ ବନ୍ଧୁତ୍ୱକୁ ଏକ ନୂଆ ଦିଗ ଦେଇଛି । ୧୯୯୩ରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବା ପରଠାରୁ, ଭାରତ ଏବଂ ସ୍ଲୋଭାକିଆ ବିଶ୍ୱାସ, ସମାନତା ଏବଂ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ ପାରମ୍ପରିକ ବନ୍ଧୁତ୍ୱ ଏବଂ ବହୁମୁଖୀ ସହଯୋଗର ବିକାଶ କରିଛନ୍ତି । ଏହି ଗସ୍ତର ଐତିହାସିକ ଗୁରୁତ୍ୱ ଏବଂ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ସେମାନଙ୍କର ସମ୍ମିଳିତ ପ୍ରତିବଦ୍ଧତାକୁ ଆଧାର କରି, ଭାରତ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏବଂ ସ୍ଲୋଭାକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏହି ସମ୍ପର୍କକୁ ଉଭୟ ଦେଶ ମଧ୍ୟରେ ଏକ 'ବ୍ୟାପକ ସହଭାଗିତା'କୁ ଉନ୍ନୀତ କରିବାକୁ ସହମତ ହୋଇଛନ୍ତି । ଏହି ବ୍ୟାପକ ସହଭାଗିତାର ଲକ୍ଷ୍ୟ ହେଉଛି ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା, ବିଦ୍ୟମାନ ସହଯୋଗ ବ୍ୟବସ୍ଥାକୁ ସଦୃଢ଼ କରିବା ଏବଂ ଉଭୟ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସ୍ତରରେ ସହଯୋଗକୁ ଗଭୀର କରିବା ପାଇଁ ନୂତନ ପନ୍ଥା ଖୋଜିବା । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳର ବଢୁଥିବା ଭୂ-ରାଜନୈତିକ, ଅର୍ଥନୈତିକ ଏବଂ ବୈଷୟିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟ ନେତା ପାରସ୍ପରିକ ଲାଭଦାୟକ ସହଯୋଗ, ଆଂଚଳିକ ସଂଯୋଗୀକରଣ, ମୁକ୍ତ ଆନ୍ତର୍ଜାତିକ ବାଣିଜ୍ୟ, ନୌଚାଳନାର ସ୍ୱାଧୀନତା, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଏକ ନିୟମ-ଆଧାରିତ ଆନ୍ତର୍ଜାତିକ ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଭାରତ ଓ ସ୍ଲୋଭାକିଆ ମଧ୍ୟରେ ଏକ ଦୃଢ଼ ସହଭାଗିତାର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ଉଭୟ ନେତା ନିୟମିତ ଉଚ୍ଚସ୍ତରୀୟ ଆଦାନପ୍ରଦାନ ଏବଂ ନିରନ୍ତର ରାଜନୈତିକ ଆଲୋଚନାର ଗୁରୁତ୍ୱ ଉପରେ ଜୋର୍ ଦେଇଛନ୍ତି ଏବଂ ସମସ୍ତ ସ୍ତରରେ ପ୍ରତିନିଧି ଦଳର ଆଦାନପ୍ରଦାନକୁ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି । ଅଧିକ ପାରସ୍ପରିକ ବୁଝାମଣା ବୃଦ୍ଧି ଏବଂ ସଂସଦୀୟ ଅଭିଜ୍ଞତା ଓ ସର୍ବୋତମ ପ୍ରଥାଗୁଡ଼ିକର ଆଦାନପ୍ରଦାନ ଉଦ୍ଦେଶ୍ୟରେ ସଂସଦୀୟ ପ୍ରତିନିଧି ଦଳର ଗସ୍ତ, ଯୋଗାଯୋଗ ଏବଂ ସହଯୋଗକୁ ବୃଦ୍ଧି କରିବାକୁ ମଧ ଉଭୟ ପକ୍ଷ ସହମତ ହୋଇଛନ୍ତି । ଉଭୟ ନେତା ଜାତିସଂଘକୁ କେନ୍ଦ୍ରରେ ରଖି ବହୁପାକ୍ଷିକବାଦ ଏବଂ ଏକ ନିୟମ-ଆଧାରିତ ଆନ୍ତର୍ଜାତିକ ବ୍ୟବସ୍ଥା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏଥିସହିତ ଜାତିସଂଘ, ବିଶେଷ କରି ଜାତିସଂଘ ସୁରକ୍ଷା ପରିଷଦ ସମେତ ବହୁପାକ୍ଷିକ ସଂସ୍ଥାଗୁଡ଼ିକର ବ୍ୟାପକ ସଂସ୍କାରକୁ ସମର୍ଥନ କରିଛନ୍ତି, ଯାହାଫଳରେ ସେଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱମୂଳକ, ସମାବେଶୀ, ପ୍ରଭାବଶାଳୀ ଏବଂ ସମସାମୟିକ ଭୂ-ରାଜନୈତିକ ବାସ୍ତବତାର ପ୍ରତିଫଳନ ରୂପେ କାର୍ଯ୍ୟକାରୀ କରାଯାଇପାରିବ । ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ଏବଂ ଅସ୍ଥାୟୀ ଉଭୟ ଶ୍ରେଣୀର ସମ୍ପ୍ରସାରଣର ଜରୁରୀ ଆବଶ୍ୟକତା ଉପରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ଏକ ସଂସ୍କାରିତ ଏବଂ ସମ୍ପ୍ରସାରିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ସ୍ଲୋଭାକିଆର ନିରନ୍ତର ସମର୍ଥନକୁ ଭାରତ ପ୍ରଶଂସା କରିଛି ।

## ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସରେ ଆଜି ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଐତିହାସିକ 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାର ପ୍ରାୟ ୧୧୦୦ରୁ ଅଧିକ ଭକ୍ତଙ୍କୁ ନେଇ ଗୁଜରାଟର ପବିତ୍ର ପ୍ରଭାସ ପାଟଣସ୍ଥିତ ପ୍ରଭୁ ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ରେଳ ଯାତ୍ରା ନୁହେଁ, ବରଂ ଆମର ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା । ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଶ୍ଚିମରେ ପ୍ରଭୁ ସୋମନାଥ – ଏହି ଦୁଇ ଦିବ୍ୟ ଶକ୍ତି ସମଗ୍ର ଭାରତବର୍ଷକୁ ଏକତା, ଆଧ୍ୟାତ୍ମିକତା ଓ ଅବିନାଶୀ ଚେତନାର ସୂତ୍ରରେ ବାନ୍ଧି ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ 'ସୋମନାଥ ସ୍ୱାଭିମାନ ପର୍ବ'ର ଏକ ଗୌରବମୟ ଅଂଶ ଅଟେ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ମାଇଲଖୁଂଟକୁ ସ୍ମରଣ କରାଉଛି । ପ୍ରଥମଟି ହେଉଛି, ବର୍ଷ ୧୦୨୬ ମସିହାରେ ମହମ୍ମଦ ଗଜନଭୀଙ୍କ ଦ୍ୱାରା ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ବର୍ବର ଆକ୍ରମଣର ୧୦୦୦ ବର୍ଷ ଏବଂ ଦ୍ୱିତୀୟଟି ହେଉଛି, ସ୍ୱାଧୀନତା ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରେରଣାରେ ଏହି ଭବ୍ୟ ମନ୍ଦିରର ପୁନଃପ୍ରତିଷ୍ଠାର ୭୫ତମ ପ୍ଲାଟିନମ୍ ଜୁବିଲି । ଏହି ବର୍ଷବ୍ୟାପୀ ସାଂସ୍କୃତିକ ମହୋତ୍ସବ ଅନ୍ତର୍ଗତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଗଣ-ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ଓଡ଼ିଶାର ଏହି ସ୍ୱତନ୍ତ୍ର ଟ୍ରେନ ଭଳି ଲକ୍ଷ୍ନୌରୁ ୧ ହଜାର ୮ ଜଣ ଏବଂ ଦିଲ୍ଲୀରୁ ପ୍ରାୟ ୧୩୦୦ ଜଣ ଶ୍ରଦ୍ଧାଳୁ ମଧ୍ୟ ପବିତ୍ର ପ୍ରଭାସ ପାଟଣ ଅଭିମୁଖେ ବାହାରିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କ 'ବିକାଶ ଭି, ବିରାସତ ଭି' ର ମନ୍ତ୍ର ଆଜି ସୋମନାଥଠାରେ ଅତ୍ୟାଧୁନିକ ଭବ୍ୟ ପ୍ରଦର୍ଶନୀ ଶାଳା, ମ୍ୟୁଜିୟମ, ସମୁଦ୍ର ଦର୍ଶନ ପଥ ଏବଂ ଚଜଇଝଐଇଡ ଯୋଜନା ଜରିଆରେ ବିଶ୍ୱସ୍ତରୀୟ ଯାତ୍ରୀ ଭିତିଭୂମିର ବିକାଶ କରି ପ୍ରମାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଓଡ଼ିଶା ଏବଂ ସୋମନାଥ ମଧ୍ୟରେ ଏକ ଅତୁଟ ଆଧ୍ୟାତ୍ମିକ ସେତୁ ସ୍ଥାପନ କରିବା ପାଇଁ ଏକାମ୍ର କ୍ଷେତ୍ରର ବିନ୍ଦୁସାଗରର ପବିତ୍ର ଜଳ ଏବଂ ପ୍ରାଚୀନ ଶୈବ ପରମ୍ପରାର ଜୀବନ୍ତ ପ୍ରତୀକ କେଦାରଗୌରୀ ମନ୍ଦିରର ପବିତ୍ର ମାଟି ଏହି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପ୍ରଭୁ ସୋମନାଥଙ୍କ ଚରଣରେ ଅର୍ପଣ ପାଇଁ ପଠାଯାଉଛି । ଏହି ଯାତ୍ରାରେ ସାମିଲ ଥିବା ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ 'ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି ।

## ଅଳ୍ପରେ ଖବର

» ପୁଣି ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ଅଘଟଣ । ବ୍ଲୁ ଫ୍ଲାଗ ବିଚ୍‌ରେ ସ୍ନାନ କରୁଥିବା ବେଳେ ଘଟିଛି ଅଘଟଣ । ରିପ୍ କରେଂଟରେ ପଡ଼ି ଜଣେ ନାବାଳକ ପର୍ଯ୍ୟଟକର ଚାଲିଯାଇଛି ଜୀବନ । ମୃତ ପର୍ଯ୍ୟଟକ ଜଣକ ହେଲେ ଛତିଶଗଡ଼ର ପିୟୁଷ କୁମାର ।

» ରାଜନଗର ବ୍ଲକ ଜରିମୂଳ ବଜାରର ମାଟିଆ ମଙ୍ଗଳା ଛକ ନିକଟରେ ଥିବା ପାଣି ନାଳରୁ କୁମ୍ଭୀର ଉଦ୍ଧାର କରାଯାଇଛି । ବନବିଭାଗ ଟିମ ୧୬ଫୁଟର କୁମ୍ଭୀରକୁ ଉଦ୍ଧାର କରିଛି ।

» ଆସନ୍ତା ରଥଯାତ୍ରାକୁ ଦୃଷ୍ଟିରେ ରଖି ଆକ୍ସନ ମୋଡରେ ପୁରୀ ପୋଲିସ । ସହରକୁ ଅପରାଧମୁକ୍ତ ଓ ସୁରକ୍ଷିତ ରଖିବା ପାଇଁ ପୁଲିସ ଆକ୍ସନ ମୋଡକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୨୩ ଜଣ ଅଭିଯୁକ୍ତ ଗିରଫ କରାଯାଇଥିବା ବେଳେ ୮ଟି ମାମଲା ରୁଜୁ ହୋଇଛି ।

» ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬' ଅଭିଯାନ ଆଜି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

## ରାଜ୍ୟ ସରକାରଙ୍କ ପକ୍ଷରୁ ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଆରମ୍ଭ



ଭୁବନେଶ୍ୱର : ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳନ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମର ଇନଡୋର ଆଥଲେଟିକ୍ସ ସେଂଟରଠାରେ 'ସପ୍ତାହବ୍ୟାପୀ ଯୋଗ ମହୋତ୍ସବ'ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ସେମାନଙ୍କର ସକ୍ରିୟ ଭାଗିଦାରୀ ସହିତ ଯୋଗ ଶିବିରର ପ୍ରାରମ୍ଭ କରିଥିଲେ । ଏହି ଅବସରରେ ଓଡ଼ିଶା ଯୋଗ ମହୋତ୍ସବ ସମିତିର ସଭାପତି ଆଲୋକ ଦାସ, ସମ୍ପାଦକ ଡ. ଦେବକାନ୍ତ ବେହେରା ଏବଂ ରାଜ୍ୟ ସଂଗଠକ ପ୍ରେମାନନ୍ଦ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହ ଅଂଶଗ୍ରହଣକାରୀଙ୍କୁ ଯୋଗାଭ୍ୟାସ ଓ ଶପଥ ପାଠ କରାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଏହି ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଆସନ୍ତା ୨୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଜୁନ୍ ୨୧ ତାରିଖରେ କଳିଙ୍ଗ ଷ୍ଟାଡ଼ିୟମଠାରେ ଭବ୍ୟ ସମାରୋହରେ ଅନ୍ତର୍ଜାତୀୟ ଯୋଗ ମହୋତ୍ସବ ୨୦୨୬ ପାଳିତ ହେବାକୁ ଯାଉଛି । ଭାରତୀୟ ସଂସ୍କୃତିର ସୁଦୀର୍ଘ ପରମ୍ପରା ଏବଂ ବିଶ୍ୱ କଲ୍ୟାଣର ଅନନ୍ୟ ମାଧ୍ୟମ 'ଯୋଗ'କୁ ନେଇ ସାରା ବିଶ୍ୱରେ ଆଗାମୀ ଜୁନ୍ ୨୧ ତାରିଖରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେବାକୁ ଯାଉଛି । ଚଳିତ ବର୍ଷ ଏହି ଦିବସକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ "ଯୋଗ ମହୋତ୍ସବର" ଦୃଷ୍ଟିକୋଣକୁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଗେଇ ନେବା ପାଇଁ 'ସପ୍ତାହବ୍ୟାପୀ ଯୋଗର' ଉନ୍ମୋଚନ କରିଛନ୍ତି ।

## ଭଦ୍ରକରେ ହେବ ମେଡ଼ିକାଲ କଲେଜ୍ ଓ ବିଶ୍ୱବିଦ୍ୟାଳୟ: ଉପ ମୁଖ୍ୟମନ୍ତ୍ରୀ




ଭଦ୍ରକ : ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଏହି ବର୍ଷ ମଧ୍ୟରେ ହିଁ ଭଦ୍ରକରେ ମେଡିକାଲ୍ କଲେଜ ହସ୍ପିଟାଲ୍ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଆଜି (ସୋମବାର) ଭଦ୍ରକ ଗସ୍ତ ସମୟରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସମ୍ମୁଖରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ ଭଦ୍ରକ ଗସ୍ତ ରେ ଆସିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠ ରେ ଏକ ସାମ୍ବାଦିକ ସମ୍ମାଳନୀରେ ଯୋଗଦେଇଥିଲେ । କେନ୍ଦ୍ରରେ ପରିଚାଳିତ ୧୨ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଙ୍କ ସଫଳତା ଓ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ସରକାରଙ୍କର ୨ ବର୍ଷ ପୂର୍ତି ଓ ବିକାଶ ମୂଳକ କାର୍ଯ୍ର ତଥ୍ୟ ରଖିଥିଲେ । ଏହି ସାମ୍ବାଦିକ ସମ୍ମାଳନୀରେ ସାମ୍ବାଦିକଙ୍କ ପ୍ରଶ୍ନର ଉତର ରଖି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ, ଭଦ୍ରକବାସୀଙ୍କର ପ୍ରମୁଖ ଦାବି ମେଡ଼ିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା । ମୁଖ୍ୟମନ୍ତ୍ରୀ ଏହା ପ୍ରତିଷ୍ଠା ହେବ ବୋଲି ଘୋଷଣା କରି ସାରିଛନ୍ତି । ୨୦୨୬ ମସିହା ଶେଷ ପୂର୍ବରୁ ଭଦ୍ରକରେ ମେଡ଼ିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ । ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶୁଭ ଦେବେ । ଏହି ସାମ୍ବାଦିକ ସମ୍ମାଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶୀତାଂଶୁ ଶେଖର ମହାପାତ୍ର , ଜିଲ୍ଲାପାଳ ଦିଲୀପ ରାଉତରାୟ, ଜିଲା ଉନ୍ନୟନ ଅଧିକାରୀ ସରୋଜ ଦତ ପ୍ରମୁଖ ଯୋଗଦେଇଥିଲେ । ପରେ ଉପମୁଖ୍ୟମନ୍ତ୍ରୀ ଭଦ୍ରକର କୋର କୋ ରା ଠାରେ ସ୍ଥାପନା କରାଯାଇଥିବା କାନ୍ତ କବି ପାର୍କର ଉଦ୍ଘାଟନ କରିଥିଲେ ।

## ରାଜ୍ୟରେ କଡ଼ାକଡ଼ି ହେବ ହେଲମେଟ୍ ଓ ସିଟ୍ ବେଲ୍ଟ ଚେକିଂ



ଭୁବନେଶ୍ୱର: ରାଜ୍ୟରେ ଲଗାତାର ବଢୁଥିବା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଆଗାମୀ ଦିନରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଶେଷ କରି ରାଜପଥ ଓ ସହରାଂଚଳରେ ହେଲମେଟ୍ ଏବଂ ସିଟ୍ ବେଲ୍ଟ ଚେକିଂକୁ ଅଧିକ କଡ଼ାକଡ଼ି କରାଯିବା ନେଇ ନିଷ୍ପତି ହୋଇଛି । ବାରମ୍ବାର ସଚେତନତା ସତ୍ୱେ ଅନେକ ଅମାନିଆ ଗାଡ଼ି ଚାଳକ ନିୟମ ମାନୁନଥିବାରୁ ସେମାନଙ୍କ ଉପରେ କଟକଣା ଲାଗୁ କରାଯାଇଛି । ଏ ନେଇ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ରଖିଛନ୍ତି । ସେ ସମସ୍ତ ଗାଡ଼ି ଚାଳକଙ୍କୁ ସୁରକ୍ଷିତ ଭାବେ ଯାନବାହନ ଚଲାଇବାକୁ ନିବେଦନ କରିବା ସହ ନିଜର ତଥା ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନକରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ, ସରକାରୀ ସ୍ତରରେ ଗାଡ଼ି ବ୍ୟବହାର ଉପରେ ଲାଗିଥିବା ନୂଆ କଟକଣା ସମ୍ପର୍କରେ ମଧ ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ସରକାରୀ ଅଧିକାରୀମାନଙ୍କୁ ନିଜ ଗାଡ଼ିର ତେଲ ଖର୍ଚ୍ଚ ୧୦ ପ୍ରତିଶତ ପର୍ଯ୍ୟନ୍ତ କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ପରିବେଶ ପ୍ରଦୂଷଣ ରୋକିବା ତଥା ଇନ୍ଧନ ସଂଚୟ ଉଦ୍ଦେଶ୍ୟରେ ଆଗକୁ ସରକାରୀ ସ୍ତରରେ ଆଉ ନୂଆ ପେଟ୍ରୋଲ କିମ୍ବା ଡିଜେଲ ଚାଳିତ ଗାଡ଼ି କିଣାଯିବ ନାହିଁ । ଏହା ବଦଳରେ ଇଲେକ୍ଟ୍ରିକ୍ ଗାଡ଼ି ବ୍ୟବହାରକୁ ସର୍ବାଧିକ ପ୍ରୋତ୍ସାହିତ କରାଯାଉଛି ଏବଂ ଏଥିପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ମଧ ଯୋଗାଇ ଦିଆଯାଉଛି । ଏହା ସହିତ ନେତା ଓ ଅଧିକାରୀଙ୍କ ଗସ୍ତ ସମୟରେ ବ୍ୟବହାର ହେଉଥିବା କାର୍କେଡ୍ ବା ଗାଡ଼ିର ଲମ୍ବା ଲାଇନକୁ ମଧ କମାଯାଇଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ଏଲ୍-ନିନୋର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟଶାସନ ସଚିବ



ଭୁବନେଶ୍ୱର : ଖରିଫ ଫସଲ ଋତୁ-୨୦୨୬ ପାଇଁ ରାଜ୍ୟର ପ୍ରସ୍ତୁତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ସ୍ଥିତି, ଆକଳନ ଏବଂ ଏଲ୍-ନିନୋ ଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ନେଇ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗକମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ସ୍ୱତନ୍ତ୍ର ରିଲିଫ କମିଶନର ତଥା ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଭାରତୀୟ ପାଣିପାଗ ବିଭାଗ (ଆଇଏମଡି), ଭୁବନେଶ୍ୱରର ଆଂଚଳିକ ନିର୍ଦ୍ଦେଶିକା ଡଃ. ମନୋରମା ମହାନ୍ତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ କୁଳପତିଙ୍କ ସମେତ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଏଲ୍ ନିନୋ ହେଉଛି ମହାସାଗରୀୟ ଜଳର ତାପମାତ୍ରା ବୃଦ୍ଧି ଯୋଗୁଁ ସୃଷ୍ଟ ଏକ ଜଳବାୟୁଜନିତ ଘଟଣା, ଯାହା ବିଶ୍ୱସ୍ତରରେ ପାଣିପାଗ ଓ ବର୍ଷାର ପରିମାଣକୁ ପ୍ରଭାବିତ କରିଥାଏ ଏବଂ ଭାରତରେ ମୌସୁମୀ ବର୍ଷା ଉପରେ ମଧ ପ୍ରଭାବ ପକାଇଥାଏ । ବୈଠକରେ ଆଇଏମଡି ପକ୍ଷରୁ ଦୈନିକ, ସାପ୍ତାହିକ, ମାସିକ ଏବଂ ଦୀର୍ଘମିଆଦୀ ମୌସୁମୀ ବର୍ଷା ପୂର୍ବାନୁମାନ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ଓଡ଼ିଶାର ଉପକୂଳ କେତେକ ଅଂଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି ଏବଂ ଅନ୍ୟ ଅଂଚଳରେ ବର୍ଷା ହେବା ନେଇ ସ୍ଥିତି ଅନୁକୂଳ ରହିଥିବା ସୂଚନା ଦିଆଯାଇଥିଲା । ଆଇଏମଡି ଆକଳନ ଏବଂ ବୈଠକରେ ଆଲୋଚନା ଅନୁଯାୟୀ, ଏଲ-ନିନୋ ପ୍ରଭାବରେ ଚଳିତ ବର୍ଷ ଦେଶରେ ସାମଗ୍ରିକ ଭାବେ ସାଧାରଣଠାରୁ କିଛି କମ୍ ବର୍ଷା ହେବାର ସମ୍ଭାବନା ରହିଛି ।




# ଦୁଇ ବର୍ଷରେ ବାଲେଶ୍ୱରରେ ସୃଷ୍ଟି ହେଲା ବିକାଶର ନୂଆ ଅଧ୍ୟାୟ

## ଜୀବିକା, ଭିତିଭୂମି, ପର୍ଯ୍ୟଟନ ଓ ସାମାଜିକ ସୁରକ୍ଷାରେ ମିଳିଲା ଉଲ୍ଲେଖନୀୟ ସଫଳତା




ବାଲେଶ୍ୱର(ନି.ପ୍ର.)ଗତ ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ କାର୍ଯ୍ୟ କରାଯାଇଥିବା ଉନ୍ନୟନମୂଳକ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଜିଲ୍ଲାର ସାମଗ୍ରିକ ବିକାଶକୁ ନୂଆ ଦିଗ ଦେଇଛି । ଜୀବିକା ସୃଷ୍ଟି, ଗ୍ରାମୀଣ ଭିତିଭୂମି, ପର୍ଯ୍ୟଟନ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ହଜାର ହଜାର ଲୋକଙ୍କ ଜୀବନମାନକୁ ସୁଧାରିବାରେ ସହାୟକ ହୋଇଛି ।ବାଲେଶ୍ୱର ଜିଲ୍ଲାର ପ୍ରଗତି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଧାରାରେ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଜିଲ୍ଲାର ୨,୧୭୧ ଜଣ ହିତାଧିକାରୀଙ୍କୁ ୩୫.୫୬ କୋଟି ଟଙ୍କାରୁ ଅଧିକ ସବସିଡି ପ୍ରଦାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ୨,୪୬୨ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ଦୁଗ୍ଧ, ଛେଳି, ମେଣ୍ଢା, ଘୁଷୁରି ଓ କୁକୁଡ଼ା ପାଳନ ଯୋଜନା ମାଧ୍ୟମରେ ଶହ ଶହ ପରିବାର ଆର୍ଥିକ ଭାବେ ସଶକ୍ତ ହୋଇଛନ୍ତି ।ସେହିପରି ଶିଳ୍ପ କ୍ଷେତ୍ରରେ ଚଗରଗର ଯୋଜନା ମାଧ୍ୟମରେ ୧୨୭ଟି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିଥିବା ବେଳେ ପ୍ରାୟ ୨.୭୭ କୋଟି ଟଙ୍କାର ଆର୍ଥିକ ସହାୟତା ଅନୁମୋଦିତ ହୋଇଛି । ଏହା ଜିଲ୍ଲାରେ ଉଦ୍ୟୋଗ ଓ ରୋଜଗାର ସୁଯୋଗ ବୃଦ୍ଧିରେ ସହାୟକ ହୋଇଛି ।ସାମାଜିକ ସୁରକ୍ଷା କ୍ଷେତ୍ରରେ ହଜାର ହଜାର ବୟୋଜ୍ୟେଷ୍ଠ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ପେନସନ ସୁବିଧା ପାଇଥିବା ବେଳେ ୩୩,୯୭୦ ଜଣଙ୍କୁ ବର୍ଦ୍ଧିତ ଭତା ପ୍ରଦାନ କରାଯାଇଥିବା ବେଳେ ପର୍ଯ୍ୟଟନ କ୍ଷେତ୍ରରେ ପଂଚଲିଙ୍ଗେଶ୍ୱର, ଚାନ୍ଦିପୁର, କ୍ଷୀରଚୋରା ଗୋପୀନାଥ ମନ୍ଦିର, ରାଇବଣିଆ ଦୁର୍ଗ, ବାଘା ଯତୀନ ସ୍ମୃତିପୀଠ ଓ ଇଂଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠର ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଏହା ପର୍ଯ୍ୟଟନ ଶିଳ୍ପ ସହିତ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।ବାଲେଶ୍ୱର ଜିଲ୍ଲାରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମାଧ୍ୟମରେ ୬,୧୫୩ ଜଣଙ୍କୁ ଗୃହ ମଞ୍ଜୁର କରାଯାଇଥିବା ବେଳେ ୩,୭୩୮ଟି ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ୧,୮୨୫ଟି ପ୍ରକଳ୍ପ ସମାପ୍ତ ହୋଇଛି । ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପଦକ୍ଷେପ ସଫଳତାର ସହ ଆଗେଇଛି ।ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ୬୧.୬୦ କୋଟି ଟଙ୍କା ବ୍ୟୟରେ ନୂତନ ସଡ଼କ ନିର୍ମାଣ ଓ ଭିତିଭୂମି ବିକାଶ କାର୍ଯ୍ୟ ସମ୍ପାଦିତ ହୋଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୦.୧୯ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିବା ବେଳେ ୧.୧୫ ଲକ୍ଷରୁ ଅଧିକ ଲୋକ କ୍ୟାଶଲେସ୍ ଚିକିତ୍ସା ସୁବିଧା ପାଇଛନ୍ତି । କୃଷି କ୍ଷେତ୍ରରେ ଗକଟଣ ଓ ଓଋଝ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଥିବା ବେଳେ ୩ ଲକ୍ଷରୁ ଅଧିକ ଉଗ-କଓଝଇଘ ଏବଂ ୨.୪୦ ଲକ୍ଷ ଚଗ-କଓଝଇଘ ହିତାଧିକାରୀ ଉପକୃତ ହୋଇଛନ୍ତି । ମନରେଗା ଯୋଜନା ଅଧୀନରେ ଦୁଇ ବର୍ଷରେ ୫୦ ଲକ୍ଷରୁ ଅଧିକ ମାନବ ଦିବସ ସୃଷ୍ଟି ହୋଇଛି ।ବାଲେଶ୍ୱର ଜିଲ୍ଲାରେ ପାନୀୟ ଜଳ କ୍ଷେତ୍ରରେ ୧୭୨ଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଓ ୧୦୪ଟି ସୌରଚାଳିତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ନୀଳଗିରି ଓ ଖଇରା ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଂଚିଛି । ବାଲେଶ୍ୱର ଜିଲ୍ଲାରେ ସାର୍ବିକ ଭାବେ, ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଫଳରେ ବାଲେଶ୍ୱର ଜିଲ୍ଲାରେ ଉନ୍ନୟନ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଏକ ନୂତନ ମାଇଲଖୁଂଟ ସ୍ଥାପନ କରିଛି । ଏହି ପ୍ରଗତି ଆଗାମୀ ଦିନରେ ଜିଲ୍ଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି ।

# ଚାନ୍ଦିପୁର ପାନ୍ଥନିବାସରେ ଉଦ୍‌ଘାଟିତ ହେଲା ରଜ ମହୋତ୍ସବ

## ରଜ ଦୋଳି ସାଙ୍ଗକୁ ପିଠା ଓ ପାନର ଆସରରେ ମୁଗ୍ଧ ହେଲେ ପର୍ଯ୍ୟଟକ



ବାଲେଶ୍ୱର(ନି.ପ୍ର.) ଓଡ଼ିଆଙ୍କ ଗଣପର୍ବ ରଜ ଅବସରରେ ଚାନ୍ଦିପୁର ପାନ୍ଥନିବାସ ପରିସର ଉତ୍ସବମୁଖର ହୋଇଉଠିଛି । ରବିବାର ପହିଲି ରଜ ଅବସରରେ ଏଠାରେ ତିନିଦିନିଆ ରଜ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିବା ବେଳେ ରଜ ଦୋଳି, ପିଠା ଓ ପାନର ସ୍ୱତନ୍ତ୍ର ଆୟୋଜନ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ବେଶ୍ ଆକର୍ଷିତ କରିଛି । ଏହି ମହୋତ୍ସବ ୧୬ ଜୁନ ପର୍ଯ୍ୟନ୍ତ ଚାଲିବ ।ପାନ୍ଥନିବାସର ମ୍ୟାନେଜର ପ୍ରଶାନ୍ତ କୁମାର ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ପାନ୍ଥନିବାସର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ରଜ ଦୋଳିର ଶୁଭାରମ୍ଭ ପରେ କୁନି କୁନି ଝିଅମାନଙ୍କ ଠାରୁ ଆରମ୍ଭ କରି ବୟସ୍କମାନେ ମଧ୍ୟ ଦୋଳି ଖେଳି ରଜର ଆନନ୍ଦ ଉପଭୋଗ କରିଥିଲେ ।ରଜ ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପାନ୍ଥନିବାସ ପକ୍ଷରୁ ସ୍ୱତନ୍ତ୍ର ପିଠା ଷ୍ଟଲ୍ ଖୋଲାଯାଇଛି । ଏଠାରେ ପୋଡ଼ପିଠା, ଆରିଷା, କାକରା, ଛେନା ମଣ୍ଡା, ସିଝା ମଣ୍ଡା ଓ ସ୍ୱତନ୍ତ୍ର ରଜ ପାନ ଉପଲବ୍ଧ ରହିଛି । ଏହାର ମୂଲ୍ୟ ୧୦ ଟଙ୍କାରୁ ୩୦ ଟଙ୍କା ମଧ୍ୟରେ ରଖା ଯାଇଥିବାରୁ ପର୍ଯ୍ୟଟକମାନେ ବେଶ୍ ଆକୃଷ୍ଟ ହୋଇଛନ୍ତି ।ପହିଲି ରଜ ଦିନରେ ୨୦ରୁ ଅଧିକ ଯୁବତୀ ଓ କିଶୋରୀ ଦୋଳି ଖେଳିବା ସହ ସେଲ୍‌ଫି ଉଠାଇ ଉତ୍ସବର ସ୍ମୃତି ସାଉଁଟିଥିଲେ । ଗ୍ରାମାଂଚଳରେ ଆମ୍ବତୋଟାରେ ରଜ ଦୋଳିର ପୁରୁଣା ପରମ୍ପରା ଏବେ କମି ଯାଇଥିବା ବେଳେ, ପାନ୍ଥନିବାସର ଏହି ଆୟୋଜନ ସେହି ସ୍ମୃତିକୁ ପୁନର୍ଜୀବିତ କରୁଥିବା ଦେଖିବାକୁ ମିଳିଛି ।ମ୍ୟାନେଜର ପ୍ରଶାନ୍ତ କୁମାର ଲେଙ୍କା କହିଛନ୍ତି, "ଚାନ୍ଦିପୁର ପାନ୍ଥନିବାସ ଗ୍ରାମୀଣ ପରିବେଶ ମଧ୍ୟରେ ଅବସ୍ଥିତ । ସେଥିପାଇଁ ପ୍ରତିବର୍ଷ ତିନିଦିନ ଧରି ଏଠାରେ ରଜ ଉତ୍ସବ ପାଳନ କରାଯାଏ । ସମୁଦ୍ରର ମନୋରମ ପରିବେଶ ସହ ରଜ ଦୋଳି, ପିଠା ଓ ପାନର ଆୟୋଜନ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ନିଆରା ଅନୁଭୂତି ପ୍ରଦାନ କରୁଛି ।" ରଜର ପାରମ୍ପରିକ ରଙ୍ଗ ଓ ଗ୍ରାମ୍ୟ ସଂସ୍କୃତିର ସୁଗନ୍ଧକୁ ନେଇ ଚାନ୍ଦିପୁର ପାନ୍ଥନିବାସର ଏହି ଆୟୋଜନ ଏବେ ପର୍ଯ୍ୟଟକଙ୍କ ପାଇଁ ଏକ ବିଶେଷ ଆକର୍ଷଣ ପାଲଟିଛି କହିଲେ ଭୁଲ୍ ହେବନାହିଁ ।

# ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଫକୀରମୋହନଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ବାଲେଶ୍ୱର(ନି.ପ୍ର.) ପବିତ୍ର ରଜସଂକ୍ରାନ୍ତି ଅବସରରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଛତୁଆପୋଖରୀ ସ୍ଥିତ ଫକୀରମୋହନଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସଭାପତି ଶିରିଶ ଚନ୍ଦ୍ର ଜେନା, ପ୍ରଦୀପ ଚାଟାର୍ଜୀ, ରାଜେଶ ଗିରି, ଶତ୍ରୁଘ୍ନ ମଲ୍ଲିକ, ତପନ ଦାସଙ୍କ ସମେତ ଅନୁଷ୍ଠାନର ବହୁ ବିଶିଷ୍ଟ ବ୍ୟକ୍ତି ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ମୃତିପୀଠରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବ୍ୟାସକବିଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଫକରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବ୍ୟାସକବିଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଫିରୋଜ କୁମାର ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସତ୍ୟବ୍ରତ ଜେନା ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବ୍ୟାସକବିଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

# ପଚାଷଢ଼ା ଖାଦ୍ୟକୁ ନେଇ ବାଲେଶ୍ୱରରେ ଝାଡ଼ାବାନ୍ତିର ଆଶଙ୍କା

ବାଲେଶ୍ୱର(ନି.ପ୍ର.)ପଚା ପଣସ, ଆମ୍ବ, ଫାଷ୍ଟଫୁଡ୍, ପଚାମାଛ ଇତ୍ୟାଦି ସ୍ୱଳ୍ପମୂଲ୍ୟରେ ସହରରେ ବିକ୍ରୟ ହେଉଥିବା ବେଳେ ଗରୀବ ଶ୍ରେଣୀର ଲୋକେ ଏହିସବୁ ଖାଦ୍ୟ ସାମଗ୍ରୀକୁ କ୍ରୟ କରି ରୋଗାଗ୍ରସ୍ତ ହେଉଥିବା ନଜୀର ଦେଖିବାକୁ ମିଳିଛି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ । ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଝିପା ଝିପା ବର୍ଷା ଗୁଳଗୁଳିରେ ଲୋକେ ଆଶ୍ୱସ୍ତି ଲାଭ କରିଥିବା ବେଳେ ଏବେ ଘରଘର ଜ୍ୱର, କାଶ, ଥଣ୍ଡା, ନାକରୁ ପାଣି ବୋହିବା ଘଟଣା ସାଙ୍ଗକୁ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ମଧ୍ୟ କିଛି କମିନାହିଁ । ଡେଙ୍ଗୁ, ମ୍ୟାଲେରିଆ, ଜ୍ୱର ପାଇଁ କେବଳ ହୁଡିଂ ବ୍ୟବସ୍ଥା କରାଯାଇ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ତାହା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି । ୬ଦିନକୁ ଥରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଧିକାରୀଙ୍କ ବଦଳି ହେବା ଫଳରେ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଚିକିତ୍ସା ସେବା କେମିତି ଯୋଗାଇ ଦିଆଯାଉଛି ତାହା ପ୍ରଶାସନ ଦୃଷ୍ଟିଦେବା ଦରକାର ।




# ରଜସଂକ୍ରାନ୍ତି ଅବସରରେ ମା'ବୁଢ଼ୀକାଳୀଙ୍କ ବାର୍ଷିକୋତ୍ସବ



ବାଲେଶ୍ୱର(ନି.ପ୍ର.) ପବିତ୍ର ରଜସଂକ୍ରାନ୍ତି ଅବସରରେ ଟାଉନଥାନା ଅନ୍ତର୍ଗତ ଦାମୋଦରପୁର ସ୍ଥିତ ମା' ବୁଢ଼ୀକାଳୀ ପୀଠରେ ୧୯ତମ ବାର୍ଷିକୋତ୍ସବ ତଥା ଶ୍ରୀ ଶ୍ରୀ ମହାକାଳୀଙ୍କ ପୂଜାର୍ଚ୍ଚନା ହେବା ସଂଗେ ସଂଗେ ଚଣ୍ଡି, ଯଜ୍ଞ, ଶ୍ରଦ୍ଧାଳୁମାନେ ବ୍ରତ ଧାରଣ କରି ଡାଲା ଲଗାଇବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଘଟ ସ୍ଥାପନ, ପୂଜା ଓ ଚଣ୍ଡିଯଜ୍ଞ, ପୂର୍ଣ୍ଣାହୂତି ଓ ପୁଷ୍ପାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଜଲ ରଣା, ବାବୁ ମହାଳିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ । ପ୍ରକାଶଯେ, ଏହି କମିଟିର ଉତରତର ଉନ୍ନତି ପାଇଁ ପଣ୍ଡାବାବୁ ନିଜର ଅକ୍ଲାନ୍ତ ପରିଶ୍ରମ କରି ଆଜି ସେ ନାହାଁନ୍ତି ସତ ହେଲେ ମା'ଙ୍କର ପୂଜାବିଧି ସୁଚାରୁରୂପେ ଅନୁଷ୍ଠିତ ହେଉଛି ।

# ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଳେଶ୍ୱରସ(ନି.ପ୍ର) ଜଳେଶ୍ୱର ରୋଟାରୀ କ୍ଲବ ର ରୋଟାରୀଆନ ରାଜେଶ କୁମାର ଖଟୁଆଙ୍କ ଜନ୍ମ ଦିନ ପାଳନ ଅବସରରେ ରୋଟାରୀ କ୍ଲବ, ନରସିମା କ୍ଲବ ଓ ଜିଲ୍ଲା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ୧୪ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ଠାରେ ବିଶ୍ୱ ରକ୍ତଦାତା ଦିବସ ପାଳନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାତା ସଂଘର ଜଳେଶ୍ୱର ବ୍ଲକ ସଭାପତି ଅଜିତ ଜୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଳେଶ୍ୱର ରୋଟାରୀ କ୍ଲବର ପୂର୍ବତନ ସଭାପତି ତଥା ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ,ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ, ସମ୍ପାଦକ ଇଂ ହୃଷିକେଶ ସାହୁ,ଜଳେଶ୍ୱର ବ୍ଲକ ସମ୍ପାଦକ ସୁବ୍ରତ କୁମାର ରଣା,ଜଳେଶ୍ୱର ଜି.କେ ଭଟ୍ଟର ହସପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲୀପ କୁମାର ପାତ୍ର, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଉତର ଦଣ୍ଡପାଟ,ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ ଉପାଧ୍ୟାୟ, ଡ଼ଃ କୁମାର ଗୋପାଳ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ବିଶ୍ୱ ରକ୍ତଦାତା ଦିବସର ତାତ୍ପର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବ ପକ୍ଷରୁ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା,ଉତର ବାଲେଶ୍ୱର ବିଜେପି ସାଙ୍ଗଠନିକ ଜିଲ୍ଲାର ସଭାପତି ଡ଼ଃ ପ୍ରଦୀପ କୁମାର ପଣ୍ଡା, ବିଜେପି ନେତା ବ୍ରଜମୋହନ ପ୍ରଧାନ, ଯାତ୍ରାଭିନେତା ଗୌରାଙ୍ଗ ଦାସ ପ୍ରମୁଖଙ୍କୁ ଉତରୀୟ ଓ ମୋମେଂଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଶିବିରରୁ ମୋଟ ୧୦୮ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଜିଲ୍ଲାରେ ଆଦିବାସୀ ଅବହେଳିତ



ବାଲେଶ୍ୱର(ନି.ପ୍ର.) : ଗତ ଦୁଇଦିନ ତଳେ ଖଇରା ବ୍ଲକର ବାଉଁଶଗଡ଼ିଆ ପଂଚାୟତର ବାଗେଇପୁର ଗାଁରେ ସରକାରୀ ଜାଗାରେ ବର୍ଷ ବର୍ଷ ଧରି ବାସ କରି ଆସୁଥିବା ଆଦିବାସୀ ପରିବାର ଗୁଡିକୁ ସେଠାକାର ୱାର୍ଡ ମେମ୍ବର ଏବଂ ସମିତି ସଭ୍ୟ ସେମାନଙ୍କ ଭିଟା ମାଟିରୁ ଉଚ୍ଛେଦ କରିବା ଏବଂ ପ୍ରଚଣ୍ଡ ଖରାରେ ଏହି ଆଦିବାସୀ ପରିବାର ନିଜ ଘରେ ଥିବା ଘରକରଣା ଜିନିଷ ମୁଣ୍ଡରେ ବୋହି ଚାଲି ଚାଲି ଦୀର୍ଘ ପଥ ଅତିକ୍ରମ କରି ନିଜ ପାଇଁ ପଟ୍ଟା ସରକାର ଦେବା ଆଶାରେ ତହସିଲଦାର ଙ୍କୁ ଭେଟିବା ଆଜିର ଗଣତାନ୍ତ୍ରିକ, ଜନମଙ୍ଗଳ ଦେଶ ପାଇଁ ଏକ ଲଜ୍ୟା କ୍ଷ ଏଭଳି ଅମାନୁଷିକ ଓ ଅମାନବିକ କାର୍ଯ୍ୟକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ କ୍ଷ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏଭଳି ଅମାନୁଷିକ କାର୍ଯ୍ୟର ଦୃଢ଼ ନିନ୍ଦା କରିବା ସହିତ ବ୍ଲକ ପ୍ରଶାସନ ତୁରନ୍ତ ଏହି ଆଦିବାସୀ ପରିବାରଙ୍କର ଥଇଥାନ କରିବା ସହ ଘରଡ଼ିହ ଓ ଜମି ପଟ୍ଟା ଦେବା ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି କ୍ଷ ଅମାନୁଷିକ ଭାବେ ଆଦିବାସୀ ମାନଙ୍କୁ ଉଚ୍ଛେଦ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରାଯାଇଛି କ୍ଷ ସରକାର ଏଥି ପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଶ୍ରୀ ହୁଇ ଏଠାରେ ପ୍ରକାଶ କରିଛନ୍ତି ଏବଂ ହିନ୍ଦୁ ମାନଙ୍କର ରକ୍ଷା କବଚ କହୁଥିବା ବିଜେପି ସରକାର କଣ ଆଦିବାସୀ ମାନଙ୍କୁ ପାକିସ୍ତାନୀ ନା ବାଂଲାଦେଶୀ ଭାବିଛନ୍ତି ବୋଲି ଏଠାରେ ପ୍ରଶ୍ନ କରିଛନ୍ତି ।

# ଘରୋଇ ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତିବାଦରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ

କଟକ (ନି. ପ୍ର.) କେନ୍ଦ୍ର ସରକାର ଗତ ରାତିରେ ଘରେଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି କରିଛନ୍ତି । ଏହା ପୂର୍ବରୁ ଯୁଦ୍ଧ ଆଳରେ ଘରେଇ ରନ୍ଧନ ଗ୍ୟାସ, ବ୍ୟବସାୟିକ ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ ଓ ଡିଜେଲ ଦର କେନ୍ଦ୍ର ସରକାର ବାର ବାର ବୃଦ୍ଧି କରିଛନ୍ତି । ଏହା ଫଳରେ ବସ,ଟ୍ରକ୍ ଭଡ଼ା ସମେତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି । ଏହା ଫଳରେ ସାଧାରଣ ଲୋକଙ୍କ ଅବସ୍ଥା ସଙ୍ଗୀନ ହୋଇଛି । ଏହିଭଳି ପରିସ୍ଥିତିରେ ଘରେଇ ରନ୍ଧନ ଗ୍ୟାସ ଦରବୃଦ୍ଧି ସାଧାରଣ ଲୋକଙ୍କ ଅଂଟା ଭାଙ୍ଗି ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି ଏବଂ ଏହା ବିରୁଦ୍ଧରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ ତୁରନ୍ତ ଗ୍ୟାସ ର ବର୍ଦ୍ଧିତ ଦର ହ୍ରାସ କରିବାକୁ ଦାବି କରିଛନ୍ତି ଓ ଅସହ୍ୟ ଦରବୃଦ୍ଧି ବିରୁଦ୍ଧରେ ପ୍ରତିରୋଧ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଛନ୍ତି ।ଏସୟୁସିଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ଦୀପକ୍ ଦାସ, ବସନ୍ତ ନାୟକ, ଅକ୍ଷୟ ରାଉଳ, ପ୍ୟାଭେଲ ପ୍ରିୟଦର୍ଶନ, ସ୍ୱାଧିନୀ ବେହେରା, ଝରଣା ଦାସ, ସିପ୍ରା ମହାନ୍ତି, ପ୍ରତାପ ମିଶ୍ର, ଶୋଭା ଦେହୁରୀ ଓ ସଚିନ ବେହେରା ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ ।



# ଇସ୍କନର ଅଦିନିଆ ରଥଯାତ୍ରାକୁ ବରଦାସ୍ତ କରାଯିବ ନାହିଁ

ଭୁବନେଶ୍ୱର: ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ ନେଇ ଦେଶ ବିଦେଶରେ ଇସ୍କନ ଯେଉଁଭଳି ଅଦିନିଆ ରଥଯାତ୍ରା ସହିତ ରାସ୍ତାକଡରେ ବସାଉଛି ତାହାକୁ ପ୍ରତ୍ୟେକ ଓଡ଼ିଆ ବିରୋଧ କରିବା ଉଚିତ୍ । ଇସ୍କନକୁ ଏହାର ଜବାବ ଦେବା ପାଇଁ ଆସନ୍ତା ରଥଯାତ୍ରା ସମୟରେ ଭୁବନେଶ୍ୱରରେ ହେଉଥିବା ଇସ୍କନର ରଥଯାତ୍ରାକୁ ବୟକଟ୍ କରିବା ପାଇଁ କଳିଙ୍ଗସେନା ଆହ୍ୱାନ ଦେଇଛି । ସେନା ସୁପ୍ରିମୋ ହେମନ୍ତ ରଥ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଇସ୍କନ କର୍ତ୍ତୃପକ୍ଷ ପୁରୀ ଗଜପତି, ଓଡିଶା ସରକାର ଓ ଓଡ଼ିଆମାନଙ୍କ ଭାବାବେଗ ସହିତ ଖେଳୁଛନ୍ତି । ଅଦିନିଆ ରଥଯାତ୍ରା ନ କରିବାକୁ ଯେତେଥର କହିଲେ ବି ଜାଣିଶୁଣି ନିଜର ବ୍ୟବସାୟ ପାଇଁ ଦେଶ ବିଦେଶରେ ଏଭଳି ଆୟୋଜନ କରୁଛନ୍ତି । ଏହାଦ୍ୱାରା କେବଳ ଜଗନ୍ନାଥ ସଂସ୍କୃତି କ୍ଷତିଗ୍ରସ୍ତ ହେଉନାହିଁ, କୋଟି କୋଟି ଓଡ଼ିଆମାନଙ୍କ ପ୍ରତି ଏହା ଘୋର ଅପମାନ ହେଉଛି । ବିଦେଶରେ ଇସ୍କନର ଏଭଳି କାର୍ଯ୍ୟକୁ ପ୍ରତିବାଦ କରୁଥିବା ଓଡ଼ିଆମାନଙ୍କୁ ଇସ୍କନ କୁକୁର ବୋଲି କହିବାକୁ ମଧ୍ୟ ପଛାଉ ନାହିଁ । ତେଣୁ ଓଡିଶାର କୁଳଦେବତାଙ୍କ ରୀତିନୀତିକୁ ଅବମାନନା ସହିତ ଓଡ଼ିଆଙ୍କ ପ୍ରତି ଏଭଳିର ମନ୍ତବ୍ୟ ଦେଉଥିବା ଇସ୍କନର ଓଡ଼ିଶାରେ ରହିବାର ଅଧିକାର ନାହିଁ । ଯେତେ ଶୀଘ୍ର ସମ୍ଭବ ଏହି ସଂସ୍ଥା ତାହାର ମନ୍ଦିରରେ ତାଲା ଝୁଲାଇବା ଆବଶ୍ୟକ । ଓଡ଼ିଆଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇଥିବା ଇସ୍କନର ଆଗାମୀ ରଥଯାତ୍ରାକୁ ଓଡ଼ିଶାବାସୀ ବୟକଟ୍ କରିବା ପାଇଁ ଶ୍ରୀ ରଥ କହିଛନ୍ତି । କଳିଙ୍ଗ ସୈନିକ ମାନେ ମଧ୍ୟ ଆଗାମୀ ଦିନରେ ଇସ୍କନର ସମସ୍ତ କାର୍ଯ୍ୟକ୍ରମକୁ ଜୋରଦାର ବିରୋଧ କରିବ ବୋଲି ମଧ୍ୟ ଶ୍ରୀ ରଥ ଚେତାଇ ଦେଇଛନ୍ତି । ଉପ ସଭାପତି ଅବଦୁଲ୍ କୟୁମ ଖାନ, ସାଧାରଣ ସମ୍ପାଦକ ବିଜୟ ରାଜ, ଇଂ ସ୍ୱାତିଶ ରଞ୍ଜନ ସାହୁ, ଇଂ ମନୋଜ ନାୟକ, ଅଶୋକ ସାହୁ, ମୋନାଲିସା ବିଶ୍ୱାଳ ପ୍ରମୁଖ ଆଗାମୀ ରଥଯାତ୍ରାରେ ଇସ୍କନ ରଥକୁ ବାଟରେ ଅଟକାଇ ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏମ୍‌ସିଏଲର ଏମ୍‌ଓୟୁ ସ୍ୱାକ୍ଷରିତ

ସମ୍ବଲପୁର(ନିପ୍ର): ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ବ୍ୟାପକ କରିବା ଦିଗରେ ଏମ୍.ସି.ଏଲ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ବଲାଙ୍ଗୀର ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅନୁଯାୟୀ, ଟିଟିଲାଗଡ଼ ସହର ଏବଂ ସେଠାକାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର (MCH) ମଧ୍ୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ଯାତାୟାତ ସୁବିଧା ପାଇଁ ୩ଟି ବ୍ୟାଟେରୀ ଚାଳିତ ଗାଡ଼ି ଯୋଗାଇ ଦିଆଯିବ । ଏହି ପ୍ରକଳ୍ପ ପାଇଁ ଏମସିଏଲ୍ ନିଜର ସିଏସଆର (CSR) ପାଣ୍ଠିରୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ । ଟିଟିଲାଗଡ଼ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର (MCH) ହେଉଛି ଏହି ଅଂଚଳର ଏକମାତ୍ର ସମର୍ପିତ ରେଫରାଲ୍ ସ୍ୱାସ୍ଥ୍ୟ ସେବା କେନ୍ଦ୍ର । ଏହା ଟିଟିଲାଗଡ଼ ସମେତ ଏହାର ଆଖପାଖ ଅଂଚଳର ମୁରିବାହାଲ, ବେଲପଡ଼ା, ପାଟଣାଗଡ଼, ସଇଁତଲା, ବଙ୍ଗୋମୁଣ୍ଡା ଏବଂ ଦେଓଗାଁ ଭଳି ବ୍ଲକର ଏକ ବୃହତ ଗ୍ରାମୀଣ ଓ ଆଦିବାସୀ ଜନସଂଖ୍ୟାକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି । ଏହି ବ୍ୟାଟେରୀ ଚାଳିତ ଗାଡ଼ିଗୁଡ଼ିକ ବିଶେଷ କରି ଗର୍ଭବତୀ ମହିଳା, ନବଜାତ ଶିଶୁ, ବୃଦ୍ଧ ରୋଗୀ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକଙ୍କ ପାଇଁ ଏକ ସୁରକ୍ଷିତ, ଶସ୍ତା ଏବଂ ପରିବେଶ ଅନୁକୂଳ ପରିବହନ ସେବା ପ୍ରଦାନ କରିବ । ଏହି ପଦକ୍ଷେପ ଦ୍ୱାରା ଟିଟିଲାଗଡ଼ ଏବଂ ଆଖପାଖ ଅଂଚଳର ପ୍ରାୟ ୧.୭୩ ଲକ୍ଷ ଲୋକ ଉପକୃତ ହୋଇପାରିବେ କରାଯାଉଛି । ଏହା ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ପହଂଚାଇବାରେ ସାହାଯ୍ୟ କରିବା ସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆଣିବ । ଏମସିଏଲ୍‌ର ସିଏସଆର (CSR) ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା ଏବଂ ବଲାଙ୍ଗୀର ଜିଲ୍ଲାପାଳ ଜି. ଏସ. ଈଶ୍ୱର (IAS) ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ସୂଚନାଯୋଗ୍ୟ ଯେ, ଏମସିଏଲ୍ ଏହା ପୂର୍ବରୁ କଟକର ଶିଶୁ ଭବନ (SVPPGIP) ଠାରେ ମଧ୍ୟ ଏଭଳି ଏକ ରୋଗୀ ପରିବହନ ସେବା ଆରମ୍ଭ କରିଥିଲା, ଯାହା ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବେଶ୍ ସୁଦୃଢ଼ କରିପାରିଛି । ଏହି ସମସ୍ତ ପଦକ୍ଷେପ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତାକୁ ବୃଦ୍ଧି କରିବା, ସରକାରୀ ସ୍ୱାସ୍ଥ୍ୟ ଭିତିଭୂମିକୁ ସହାୟତା ଦେବା ଏବଂ ପ୍ରଭାବୀ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏମସିଏଲ୍ ?ର ନିରନ୍ତର ପ୍ରୟାସକୁ ଦର୍ଶାଉଛି ।




# ପଟ୍ଟାମୁଣ୍ଡାଇରେ ବରାହ ସାମଲଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି



ପଟ୍ଟାମୁଣ୍ଡାଇ/ଭୁବନେଶ୍ୱର: ବିଶିଷ୍ଟ ସମାଜସେବୀ ବରାହ ଚରଣ ସାମଲଙ୍କର ୮୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଠାରେ ଏବେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି । 'କାହ୍ନୁ ବାବୁ' ନାମରେ ଲୋକପ୍ରିୟ ଶ୍ରୀ ସାମଲ ୧୯୪୬ ମସିହା ଜୁନ୍ ୧୭ ତାରିଖ ଦିନ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ମଣ୍ଡପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଆସନ୍ତା ୧୭ ତାରିଖ ସନ୍ଧ୍ୟା ୭ଟା ସମୟରେ ତାଙ୍କର ପବିତ୍ର ଜନ୍ମୋତ୍ସବ ପାଳନ ପାଇଁ ଶ୍ରୀ ସାମଲଙ୍କ ମଣ୍ଡପଡ଼ାସ୍ଥିତ ପୈତୃକ ବାସଭବନ 'ସାମଲ ଭବନ'ଠାରେ ତାଙ୍କର ଶତାଧିକ ପରିବାରବର୍ଗ, ପରିଜନ, ବନ୍ଧୁବାନ୍ଧବ ଏବଂ ଶୁଭେଚ୍ଛୁ ଏକଜୁଟ ହେବାକୁ ଯାଉଥିବାର ସୂଚନା ମିଳିଛି । ଜଣେ ଉଚ୍ଚକୋଟୀର ଉତ୍ସର୍ଗୀକୃତ ବଦାନ୍ୟ ବ୍ୟକ୍ତି ଭାବରେ ବେଶ ଜଣାଶୁଣା କାହ୍ନୁ ବାବୁ ପଟ୍ଟାମୁଣ୍ଡାଇ ଇଲାକାରେ ଗରିବ ଓ ଅସହାୟ ଜନସାଧାରଣଙ୍କ ସହାୟତା ଦିଗରେ ସଦାସର୍ବଦା ସମର୍ପିତ ପ୍ରୟାସ କରିଆସୁଛନ୍ତି । ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ଆଦି ବ୍ଲକରେ ତାଙ୍କରି ଉଦ୍ୟମରେ ବହୁ ଦାତବ୍ୟ ସଂସ୍ଥାନ, ଆଧ୍ୟାତ୍ମିକ ସଙ୍ଗଠନ ଏବଂ ଶିକ୍ଷା ଅନୁଷ୍ଠାନ ସ୍ଥାପନ କରାଯାଇପାରିଛି । କସଣଅଂଟା ପଂଚାୟତ ହାଇସ୍କୁଲ ଏବଂ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲର ଶ୍ରୀ ସାମଲ ପ୍ରତିଷ୍ଠାତା ସଦସ୍ୟ ଅଛନ୍ତି । ମଣ୍ଡପଡ଼ା ଗ୍ରାମ ସମିତିର ସଭାପତି, ଆଳିସ୍ଥିତ ମାଳପାଟଣା ଶ୍ରୀ ଅଭିରାମ ଆଶ୍ରମର ମୁଖ୍ୟ ଉପଦେଷ୍ଟା ଏବଂ ସରୋଜିନୀ ସାମଲ ସ୍ମୃତି ସଂସଦର ଉପଦେଷ୍ଟା ଭାବରେ କାହ୍ନୁ ବାବୁ ନିଜ ଇଲାକାରେ ସାମାଜିକ ଓ ସାଂସ୍କୃତିକ ବିକାଶ ଦିଗରେ ଉଲ୍ଲେଖନୀୟ ଯୋଗଦାନ ଦେଇଆସୁଛନ୍ତି । ୨୦୨୩ ମସିହାରେ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ବହୁ ସୁଗୁଣ ସମ୍ପନ୍ନ ନିଆରା ମଣିଷ ଭାବରେ ପରିଚିତ କାହ୍ନୁ ବାବୁ ଏକାଧାରରେ ଜଣେ ଧର୍ମପରାୟଣ, ସଂସ୍କୃତି ସମ୍ପନ୍ନ, ଆଧ୍ୟାତ୍ମିକ ବାଦୀ, ଦୟାଳୁ, ପରୋପକାରୀ, ମିଷ୍ଟଭାଷୀ, ସମୟାନୁବର୍ତ୍ତୀ, କର୍ମଠ, କଷ୍ଟସହିଷ୍ଣୁ, ସ୍ୱଷ୍ଟବାଦୀ, ଦାୟିତ୍ୱବାନ, ଶୃଙ୍ଖଳିତ, ନିର୍ଭରଯୋଗ୍ୟ, ସଚ୍ଚୋଟ ଏବଂ ମେଳାପୀ ବ୍ୟକ୍ତି ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ସ୍ୱର୍ଗତଃ ଭଗବାନ ସାମଲ ଏବଂ ସ୍ୱର୍ଗତଃ ରାସେଶ୍ୱରୀ ସାମଲଙ୍କ ଔରସରୁ ବରାହ ଚରଣ ସାମଲ ଜନ୍ମଲାଭ କରିଥିଲେ । ମଣ୍ଡପଡ଼ା ଗ୍ରାମସ୍ଥିତ ସାହୁସାହିର ସ୍ୱର୍ଗତଃ ସରୋଜିନୀ ସାମଲଙ୍କୁ ସେ ବିବାହ କରିଥିଲେ । ଶ୍ରୀ ସାମଲଙ୍କର ପାଂଚ ଝିଅ ଯଥା:- ଶର୍ମିଷ୍ଠା ସାମଲ, ରୂପଶ୍ରୀ ସାମଲ, ସମର୍ପିତା ସାମଲ, ଶ୍ରଦ୍ଧାଞ୍ଜଳି ସାମଲ ଓ ଲୋପାମୁଦ୍ରା ସାମଲ ତଥା ଏକମାତ୍ର ପୁତ୍ର ସଂଗ୍ରାମ ସାମଲ ଅଟନ୍ତି । ନିଜର ମହାନ ପିତାଙ୍କ ଦ୍ୱାରା ପ୍ରୋତ୍ସାହିତ ଓ ଅନୁପ୍ରାଣିତ ହୋଇ ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ଯୁବ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ସାମଲ ସମାଜସେବା କ୍ଷେତ୍ରରେ ଖୁବ୍ ରୁଚି ରଖୁଥିବା ଦେଖାଯାଉଛି । ସଂଗ୍ରାମ ଏବେ 'ୱାର୍ଲଡ ଓଡ଼ିଶା ସୋସାଇଟି'ର ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ର ଶାଖାର ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ବୁଢ଼ାଚଣ୍ଡୀ ପ୍ରିମିୟମ ଲିଗ୍ ସଟ ଗ୍ରାଉଣ୍ଡ କ୍ରିକେଟ ମ୍ୟାଚ ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଶାନ୍ତି ଓ ଭାଇଚାରା ପାଇଁ ଆମ ଜଳେଶ୍ୱର ଅଂଚଳ ବହୁତ ଭଲ । ବିଭିନ୍ନ କମ୍ୟୁନିଟି ମଧ୍ୟରେ ସଦ୍‌ଭାବ ପାଇଁ ଜଳେଶ୍ୱର ଅଂଚଳ ଏକ ଆଦର୍ଶ । ପୂର୍ବରୁ ସମୟ ଥିଲା ପିଲାଙ୍କ କୋଳାହଳରେ ଗାଁଦାଣ୍ଡ ଫାଟି ପଡୁଥିଲା । କବାଡ଼ି, ଲୁଚକାଳି ଓ କ୍ରିକେଟ ଭଳି ବିଭିନ୍ନ ପ୍ରକାରର ଖେଳକୁଦରେ ଆସର ଜମୁଥିଲା । ଖରାରେ କ୍ରିକେଟ,ଲୁଚକାଳି ଆଉ ବର୍ଷାରେ କବାଡ଼ି, ଫୁଟବଲ୍ ଖେଳ ପ୍ରକୃତି ସହ ଏ ମଣିଷ ସମାଜ ଅଙ୍ଗାଙ୍ଗୀ ଜଡ଼ିତ ଥିଲା । କିନ୍ତୁ ଏବେ ସମୟ ସମ୍ପୂର୍ଣ୍ଣ ବଦଳି ଯାଇଛି । ଗାଁର ସେଇ ମାଟି ଦାଣ୍ଡ ଏବେ କଙ୍କ୍ରିଟ୍ ହୋଇଯାଇଛି । 'କିତି କିତି...'ର ଶବ୍ଦ କେବେଠୁ କବର ନେଇସାରିଛି । ଖରା ବର୍ଷା ସହ ଆଉ ସମ୍ପର୍କ ନାହିଁ ।ପିଲା ଏବେ ଶାରୀରିକ ଖେଳକୁଦ ଛାଡ଼ି ଡିଜିଟାଲ ଖେଳରେ ମାତିଛନ୍ତି । ଦିନରାତି ଡିଜିଟାଲ ଗେମ୍ ଖେଳୁଥିବା ଅନେକ ପିଲା ମାନସିକ ରୋଗରେ ଆକ୍ରାନ୍ତ । ଏପରିକି ଅନେକ ଡିଜିଟାଲ ଗେମ୍ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ନେଇସାରିଛି । ତଥାପି ଆମେ ନିଜକୁ ସୁଧାରିପାରିଲୁ ନାହିଁ । ଏହି ଚିନ୍ତା ଧାରାକୁ ପାଥେୟ କରି ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମରେ ୮ ବର୍ଷରୁ ୧୨ ବର୍ଷ ପିଲା ମାନଙ୍କୁ ନେଇ ବୁଢ଼ାଚଣ୍ଡୀ ପ୍ରିମିୟମ ଲିଗ୍ ସଟ ଗ୍ରାଉଣ୍ଡ କ୍ରିକେଟ ମ୍ୟାଚ ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା । ଏହି କ୍ରିକେଟ ମ୍ୟାଚରେ ଦେବାଶିଷ ହଂଟର ୱାରୀୟର, ଏସବିଏସ ଆରୁହା, ଦାସ ଫେମିଲି ଓ ଏସଏସ କିଲ୍ଲର ମୋଟ ୪ ଟିମ ଅଂଶ ଗ୍ରହଣ କରିଥିଲେ । ଆଜି ଫାଇନାଲ ମ୍ୟାଚରେ ଦେବାଶିଷ ହଂଟର ୱାରୀୟର ସହିତ ଏସବିଏସ ଆରୁହା ମଧ୍ୟରେ ହୋଇଥିଲା । ଏସବିଏସ ଆରୁହା ୪ ୟୁକେଟରେ ନିଜର ଦଳକୁ ଜିତି ନେବା ସହିତ ଟ୍ରଫି ଅର୍ଜନ କରିବାରେ ସଫଳ ହୋଇଥିଲା । ବେଷ୍ଟ ଫିଡର୍ ଭାବେ ମନ୍ଦିପ ବେହେରା, ବେଷ୍ଟ ବେଟ୍ସ ମ୍ୟାନ ଭାବେ ଦୀପକ ନାଗ ଓ ବେଷ୍ଟ ବୋଲର ଭାବେ ସ୍ୱାଧୀନ ଭୂୟାଁଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲାଏହି ଖେଳକୁ ଏମ୍ପିୟର ଭାବେ ଦୀପକ କୁମାର ବେହେରା ଜ୍ୟୋତି ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ । ଏହି କୁନି କୁନି ପିଲାଙ୍କ କ୍ରିକେଟ ମ୍ୟାଚ କୁ ଦେଖିବା ପାଇଁ ବହୁତ ଭିଡ ଲାଗି ରହିଥିଲା । ତେବେ ଏହି କୋମଳମତି ଶିଶୁମାନଙ୍କୁ ମୋବାଇଲ୍ ସ୍କ୍ରିନ୍ ଓ ଡିଜିଟାଲ୍ ଗେମିଂ ଦୁନିଆରୁ ଦୂରେଇ ରଖି ପାରମ୍ପାରିକ ଶାରୀରିକ ଖେଳକୁଦ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ପ୍ରଶଂସନୀୟ ପ୍ରୟାସ କରାଯାଇଛି ବୋଲି ସାମ୍ବାଦିକ ମନୋଜ କୁମାର ଭୂୟାଁ କହିଛନ୍ତି ।

# ଇବ୍ ନଦୀରେ ବୁଡ଼ି ୨ ମୃତ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଇବ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ରବିବାର ଦୁଇ ଜଣ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି । ମୃତକ ଦୁଇଜଣ ହେଲେ ଚୌକିପଡ଼ାର ପଙ୍କଜ କୁମାର ସାହୁ (୨୦) ଏବଂ ଗିରିଜା ଶଙ୍କର ସାହୁ (୧୬) । ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହି ଘଟଣାରେ ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସୋମବାର ପୂର୍ବାହ୍ନ ରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟରେ ପହଂଚିଥିଲେ । ସେଠାରେ ସେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ବିଧାୟକଙ୍କ ଉପସ୍ଥିତି ସମୟରେ ହସ୍ପିଟାଲ ପରିସରରେ ଏକ ଅତ୍ୟନ୍ତ ଶୋକାକୁଳ ଓ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଥିଲା । ଶ୍ରୀ ତ୍ରିପାଠୀ ଦୁଇ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଏହି ଅପୂରଣୀୟ କ୍ଷତି ସହିବାକୁ ଭଗବାନ ସେମାନଙ୍କୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି । ସଦର ଥାନା ଆଇଆଇସି ଶୋଭାକର ସେଠଙ୍କ ସୂଚନା ଅନୁଯାୟୀ, ଗତ ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ପଙ୍କଜ ଓ ଗିରିଜା ଇବ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ମାତ୍ର ଗାଧୋଇବା ସମୟରେ ଅସାବଧାନତା ବଶତଃ ଉଭୟ ଗଭୀର ପାଣି ସ୍ରୋତ ଆଡ଼କୁ ଚାଲିଯାଇ ନଦୀ ଗର୍ଭରେ ବୁଡ଼ି ଯାଇଥିଲେ ।

# ଦିନ ଦ୍ୱିପ୍ରହରରେ ଚଳନ୍ତା ବାଇକ୍‌ରୁ ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ

ସୋର(ନିପ୍ର): ସୋର ଥାନା ବିଲବାଙ୍କିଆ ଛକ ନିକଟରେ ବେକରୁ ଦୁଇ ଜଣ ଦୁର୍ବୃତ ଚଳନ୍ତା ବାଇକ୍ ପଛରେ ବସିଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ବାଲେଶ୍ୱର ଜିଲା ସୋର ଥାନା ସରଶଙ୍ଖ ପଂଚାୟତ କଲେଜଛକ ବ୍ରାହ୍ମଣ ସାହି ଗ୍ରାମର ବ୍ରହ୍ମାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ସବିତା ପଣ୍ଡା ବାଇକ୍ ଯୋଗେ ତୁଡିଗଡିଆ ଅଭିମୁଖେ ଯାଉଥିଲେ । ଏହି ସମୟରେ ବିଲବାଙ୍କିଆ ଛକ ନିକଟରେ ଦୁଇ ଜଣ ଦୁର୍ବୃତ ଏକ ବାଇକ୍‌ରେ ଆସି ହଠାତ୍ ସବିତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦ୍ରୁତ ଗତିରେ ତୁଡିଗଡିଆ ଆଡ଼କୁ ପଳାଇଯାଇଥିଲେ । ବ୍ରହ୍ମାନନ୍ଦ ଲୁଟେରାଙ୍କୁ ପିଛା କରିଥିଲେ ସୁଦ୍ଧା କୌଣସି ପତା ପାଇନଥିଲେ । ୧୩ ଗ୍ରାମ ଓଜନର ସୁନା ଚେନ ଆନୁମାନିକ ମୂଲ୍ୟ ୧ଲକ୍ଷ ୭୦ ହଜାର ହେବ । ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସୂଚନା ଥାଉକି ସୋର ଥାନାରେ କିଛି ଦିନ ତଳେ ଆଇଆଇସି ବଦଳି ହୋଇଥିବା ବେଳେ, ମନ୍ଦିର ଚୋରି, ଛିନ୍ତାଇ, ଡକାୟତି ବଢ଼ିଚାଲିଛି, ଯାହା ଫଳରେ ସାଧରଣଙ୍କ ମନରେ ଭୟର ଆତଙ୍କ ସୃଷ୍ଟି ହୋଇଛି । ସୋର ଭଳି ଏକ ସମ୍ବେଦନଶୀଳ ଥାନାରେ ତୁରନ୍ତ ଜଣେ ଦକ୍ଷ ଆଇଆଇସିଙ୍କୁ ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି ।

## AFFIDAVIT

By virtue of an affidavit sworn before Executive Magistrate, Balasore dated 16.04.2025 I, Smt. Rasmirekha Malik, aged about 35 years, W/o- Prafulla Mahakud, resident of At- Dhanabarakhunta, Po- Bariha, Ps- Soro, Dist- Balasore declare that I have changed my minor daughter's name from Baula Mahakud to Jyotsnarani Mahakud born on 24.12.2011. Henceforth, she shall be known as Jyotsnarani Mahakud born on 24.12.2011 for all purposes.

Sd/-
**Rasmirekha Malik**

# ଧୂଷୁରୀ ହସନାବାଦ ରାସ୍ତାରେ ମଦ ଦୋକାନ ଖୋଲାକୁ ତୀବ୍ର ବିରୋଧ



ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ହସନାବାଦ ରାସ୍ତାର ଦେଶୀ ଏବଂ ବିଦେଶୀ ଦୁଇଟି ସରକାରୀ ମଦ ଦୋକାନ ଖୋଲାଯିବା ନିଷ୍ପତିକୁ ବିରୋଧ କରାଯାଇ ସ୍ଥାନୀୟ ହରିହଂସ କୀର୍ତନ ମଣ୍ଡପ ରେ ଏକ ଜନଆନ୍ଦୋଳନ ସଭା ଅନୁଷ୍ଠିତ ହୋଇଛି । ସି ପି ଆଇ ଏମ ନେତା ଚନ୍ଦ୍ର ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ହରିହଂସ, ପଙ୍ଗଟା, ହସନାବାଦ, ବାଲିପାଟଣା, ମଠସାହି, ନଦୀଗାଁ ସମେତ ଆଖପାଖ ଅଂଚଳର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତାରେ ମଦ ଦୋକାନ ଖୋଲିବା ନିଷ୍ପତିକୁ ତୀବ୍ର ବିରୋଧ କରିଛନ୍ତି । ଅଂଚଳବାସୀଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ଏହି ସ୍ଥାନରେ ଥିବା ଦୁଇଟି ମଦଦୋକାନ ଯୋଗୁଁ ଅଂଚଳରେ ପାରିବାରିକ ଅଶାନ୍ତି, ପରିବେଶ ଦୂଷିତ ସାଙ୍ଗକୁ କାଚ ବୋତଲ ପଡି ମୂଲ୍ୟବାନ ଚାଷ ଜମି ନଷ୍ଟ ହେବା ମଦୁଆଙ୍କ ଭୟରେ ସେହି ରାସ୍ତାରେ ଯିବା ପାଇଁ ଝିଅ ବହୁ ନିଜକୁ ସୁରକ୍ଷିତ ନ ମଣିବା ଆଦି ସମସ୍ୟା ଲାଗି ରହିଛି । ବର୍ତମାନ ପୁରଣା ଟେଣ୍ଡରଧାରୀ ଙ୍କ ଲାଇସେନ୍ସ ବାତିଲ ହେବା ପରେ, ଟଂଚକତା କରି ସେହି ରାସ୍ତା କଡରେ ପୁନର୍ବାର ମଦ ଦୋକାନ ଖୋଲିବା ପାଇଁ ଚେଷ୍ଟା ଚାଲି ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସଭାରେ ଗ୍ରାମବାସୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକ, ଏବଂ ଅବକାରୀ ବିଭାଗ ଅଧିକାରୀ ଙ୍କୁ ଭେଟି ଏହି ଗମ୍ଭୀର ସମସ୍ୟା ଓ ଜନଅସନ୍ତୋଷ ସମ୍ପର୍କରେ ଅବଗତ କରାଇବେ । ଯଦି ପ୍ରଶାସନ ବା ସରକାରୀ ସ୍ତରରେ ଏହି ମଦ ଦୋକାନ ବନ୍ଦ ପାଇଁ କୌଣସି ସୁଫଳ ନ ମିଳେ, ତେବେ ଆଗାମୀ ଦିନରେ ହଜାର ହଜାର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରିବେ ବୋଲି ଚେତାବନୀ ଦିଆଯାଇଛି । ହରିହଂସ ଗ୍ରାମର ପୃଥ୍ୱୀରାଜ ନାୟକ, ଆନନ୍ଦ ନାୟକ, ମାନସ ନାୟକ ପ୍ରମୁଖଙ୍କ ଆହ୍ୱାନ କ୍ରମେ ଆୟୋଜିତ ସଭାରେ ସୁଧୀର ନାୟକ, ନିରଞ୍ଜନ ମାଝୀ, ନୃସିଂହ ଚରଣ ତରାଇ, ଧରଣୀ ଧର ବସନ୍ତିଆ, ଚତୁର୍ଭୁଜ ନାୟକ, ଦୀପ୍ତି ରଞ୍ଜନ ନାୟକ ଗିରିଷ ଚନ୍ଦ୍ର ନାୟକ ପ୍ରମୁଖ ମଦ ଦୋକାନ ଖୋଲିବା ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ । ଏହି ପ୍ରତିବାଦ ସଭାରେ ସ୍ଥାନିୟ ସରପଂଚ ଙ୍କ ଅନୁପସ୍ଥିତ କୁ ନେଇ ନାନା ଗୁଞ୍ଜରଣ ସୃଷ୍ଟି ହେଉଥିବା ବେଳେ ମଦ ଦୋକାନ ଖୋଲା ହେଉଥିବା ସ୍ଥାନଟି ନଦୀଗାଁ ପଂଚାୟତରେ ହେଉଥିବାରୁ ମୋର କିଛି ଭୂମିକା ନାହିଁ ବୋଲି ସରପଂଚ ଅନ୍ତର୍ଯ୍ୟାମୀ ପତି ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

No. 32001/399/2627

GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-2/ 2026-27
BID IDENTIFICATION NO.SAL-BDK-2-P1 OF 2026-27

1. Name of work:- Maintenance of Canal and River Embankment works
2. Class of Contractor:- Varies from "D" Class to "B"Class
3. No of works:- 31Nos (Details as per NIT available in website)
4. Value of Work:- Rs. 7.33 Lakhs to 41.55 lakhs
5. Time of Completion:- 4 Calendar Months .
6. Type of Bid :- Percentage Bid.
7. Summary for key dates is provided below.

| Procurement Officer | Bid Identification No | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-2 P1 OF 2026-27 | 18.06.2026 at 11.00AM | 29.06.2026 UPTO 5.00PM | 30.06.2026 at 11.00 A.M. |

Further details can be seen from the website http.//www.tendersodishagov.in / www.dowrodisha.gov.in
Any addendum/ Corrigendum/ Cancellation to the above notice will be published in this web site only.

Sd/-
Superintending Engineer
Salandi Canal Division
Bhadrak

OIPR. 32001/32005/1/26-27/0002











ହୃଦୟ ବଡ଼ ନହେଲେ ଧନ ଅବା ସଂପତି କୁତ୍ସିତ ଭିକ୍ଷୁକ ତୁଲ୍ୟ ଲାଗେ ।

# ଆଜିକାଲି



*ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ*
*(ଶ୍ରୀମଦ୍ ଭଗବଦ୍ ଗୀତା)*
*ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।*

## କୃଷି ପ୍ରଣାଳୀରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ

ସାଂପ୍ରତିକ ବିଶ୍ୱ ର ବର୍ଦ୍ଧିତ ଜନସଂଖ୍ୟା ନିମନ୍ତେ ୨୦୫୦ ମସିହା ସୁଦ୍ଧା ୯.୧ ବିଲିୟନ ଏବଂ ଏକବିଂଶ ଶତାବ୍ଦୀରେ ୧୦ ବିଲିୟନ ଖାଦ୍ୟ ଆବଶ୍ୟକ ହେବ । ବର୍ତମାନ ର ପାରମ୍ପରିକ କୃଷି ପଦ୍ଧତି ରେ ଏହାକୁ ସୁନିଶ୍ଚିତ କରିବା ଏକ ଆହ୍ୱାନ । ନିକଟ ଅତୀତରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ ଭାରତରେ ହାରାହାରି କୃଷି କ୍ଷେତ୍ର ହ୍ରାସ ପାଇବା , କ୍ଷୁଦ୍ର ଚାଷି ବର୍ଗର ୮୦ ପ୍ରତିଶତ କୃଷି ମାନଙ୍କ ପାରମ୍ପରିକ ପ୍ରଣାଳୀରେ ନିବେଶ ଏବଂ ଆର୍ଥିକ ପ୍ରତିବନ୍ଧତା ଏହାକୁ ତୀବ୍ର କରିବ । ବିକାଶଶୀଳ ଅର୍ଥ ବ୍ୟବସ୍ଥା ରେ ପ୍ରାୟ ୭୫ ପ୍ରତିଶତ ପ୍ରଭାବିତ ପରିବାର ଗ୍ରାମୀଣ ସମ୍ପ୍ରଦାୟ ର ଅଟନ୍ତି । ଯେଉଁମାନେ ପରୋକ୍ଷ / ପ୍ରତ୍ୟକ୍ଷ ଭାବେ କୃଷି ସହ ଜଡିତ । ସମନ୍ୱିତ କୃଷି ଏକ ବହୁମୁଖୀ କୃଷି ଆଭିମୁଖ୍ୟ , ଯାହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମସ୍ୟା ସମାଧାନ ମିମନ୍ତେ ଅତ୍ୟନ୍ତ ଫଳପ୍ରଦ । ଏହା ଫସଲ ଉତ୍ପାଦନ ସହ ପଶୁପାଳନ , ମାଛ ଓ ପଶୁପାଳନ କିମ୍ବା କୃଷି , ମାଛ ଚାଷ ଏବଂ ପଶୁପାଳନ କୁ ଏକତ୍ର ଭାବେ ସମ୍ପାଦନ କରିବ । ଏଣୁ ଏହାକୁ ସମନ୍ୱିତ ଜୈବ ପ୍ରଣାଳୀ ମଧ୍ୟ କୁହାଯାଏ । ଏହି ପ୍ରଣାଳୀ ରେ ଅନ୍ତଃ ସଂଶ୍ଳିଷ୍ଟ ଉଦ୍‌ଯୋଗ ସମୂହ ବ୍ୟବହାର ହୁଏ । ଫଳ ସ୍ୱରୂପ ଗୋଟିଏ ଉତ୍ପାଦନର ବର୍ଜ୍ୟବସ୍ତୁ ଅନ୍ୟ ଏକ ପ୍ରଣାଳୀରେ ସମ୍ବଳ ଭାବେ ନିବେଶ କରାଯାଇଥାଏ । ଏହା ଦ୍ୱାରା ମୂଲ୍ୟ ହ୍ରାସ ପାଇଥାଏ ଏବଂ ଆୟରେ ଉନ୍ନତି ଘଟିଥାଏ । କୃଷି ଉଦ୍‌ଯୋଗ କୁ ଏକତ୍ର କରି ଗୋଟିଆ ଫସଲର ଅବଶିଷ୍ଟନ୍ସ ପୁନଃଚକ୍ରଣ କରିବା ଫାର୍ମ ଭିତରେ ବ୍ୟବହାର କରି କ୍ଷୁଦ୍ର ଆୟ ସୃଷ୍ଟି କରିବା ଏହି ଆଭିମୁଖ୍ୟ ର ଲକ୍ଷ୍ୟ । ସମନ୍ୱିତ କୃଷି ପ୍ରଣାଳୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା କୃଷକ ମାନଙ୍କର ନିୟମିତ ଆୟ କୁ ସୁନିଶ୍ଚିତ କରିପାରିବ । ପାରମ୍ପରିକ ପ୍ରଣାଳୀ ରେ କୃଷି ଉତ୍ପାଦନ କମ ଥିବାରୁ ଗ୍ରାମାଂଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷି ମାନଙ୍କ ମଧ୍ୟରୁ ୧୫ ରୁ ୧୮ ପ୍ରତିଶତ ଭୂମିହୀନ ପରିବାର ଲାଭଜନକ ରୋଜଗାର ଶୃଷ୍ଟି କରିବାରେ ସମର୍ଥନ । କୃଷି ପ୍ରଣାଳୀ ରେ ପ୍ରଯୁକ୍ତିବିଦ୍ୟା ର ଉପଯୋଗ ସମସ୍ୟା ର ସମ୍ଭାବ୍ୟ ସମାଧାନ ପ୍ରଦାନ କରିବ । ଦେଶର ଗବେଷଣା ସଂସ୍ଥା ଗୁଡିକ କୃଷି ଓ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, କାରଣ ସୀମିତ କୃଷି କ୍ଷେତ୍ର ମଧ୍ୟରେ ବର୍ଦ୍ଧିତ ଜନସଂଖ୍ୟା ର ଆବଶ୍ୟକତା ପୂରଣ ପାଇଁ ଉପାଦାନ ବୃଦ୍ଧି ହିଁ ଏକମାତ୍ର ବିକଳ୍ପ । ସମନ୍ୱିତ କୃଷି ପ୍ରଣାଳୀ ଏ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିଛି । ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷି ମଡେଲ ଗୁଡିକ କେବଳ ବୈଜ୍ଞାନିକ ଙ୍କ ବୃତିଗତ ପସନ୍ଦ ଏବଂ ମାନଦଣ୍ଡ ତଥା ପ୍ରାଥମିକତା ଉପରେ ଆଧାରିତ ନୁହେଁ ବରଂ ସାଧାରଣ କୃଷକର ଧାରଣା ଓ ଆବଶ୍ୟକତା ଉପରେ ଆଧାରିତ । ଭାରତୀୟ ସଂସ୍କୃତି ରେ ଖତ ଇନ୍ଧନ ର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ , ଏହା ଅନୁମାନ କରାଯାଏ ଯେ ଭାରତରେ ଜନସଂଖ୍ୟା ର ୧୨ ପ୍ରତିଶତ ରୋଷେଇ ପାଇଁ ସିଧା ସଳଖ ଭାବେ ଯିବାସ୍ମ ଉପରେ ନିର୍ଭରଶୀଳ । ପଶୁ ସାର ମଧ୍ୟ ଏକ ମୂଲ୍ୟବାନ ସାର । ଖତ ର ଗୋଟିଏ ଉତମ ଉପଯୋଗ ହେଉଛି ଗୋବର ଗ୍ୟାସ ଉତ୍ପାଦନ ପ୍ଲାଂଟ ଏବଂ କେଞ୍ଚା ଚାଷ । ବିକାଶଉନ୍ମୁଖୀ ଗ୍ରାମାଂଚଳ ରେ ବାୟୋଗ୍ୟାସ (ଗୋବର ଗ୍ୟାସ ) କୁ ସବୁଠାରୁ ଅକ୍ଷୟ ଶକ୍ତି ଭାବେ ବିବେଚନା କରାଯାଇ ଥାଏ । ଏହି ଗ୍ୟାସ ଉତ୍ପାଦନ ଓ ବିନିଯୋଗ ଦ୍ୱାରା କେବଳ ଜାଳେଣୀ କାଠ ରକ୍ଷା କରାଯାଇପାରିବ । ଏତିକି ନୁହଁ ବରଂ ଚାଷ ପାଇଁ ଖତ କୁ ଉନ୍ନତ ସାର ରୂପେ ବ୍ୟବହାର କରାଯାଇପାରିବ ଏବଂ ମାଛ ଚାଷ ପାଇଁ ପୋଖରୀରେ ପ୍ରୟୋଗକରି ଉତମ ଲାଭ ଆଦାୟ କରାଯାଇପାରିବ ।

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ଐତିହାସିକ ବିଜୟ



◆ସୌଭାଗ୍ୟ ରଂଜନ ମହାନ୍ତି

ସନାତନ ସଂସ୍କୃତି, ପ୍ରାଚୀନ ଧାର୍ମିକ ପରମ୍ପରା ଏବଂ ଆଧ୍ୟାତ୍ମିକ ଚେତନାର ବିସ୍ତୃତ ପରିସର ମଧ୍ୟରେ ଐତିହ୍ୟର ଶୁଦ୍ଧତା ଏବଂ ଶାସ୍ତ୍ରୀୟ ମାନ୍ୟତାର ସ୍ଥାନ ସବୁବେଳେ ଅତି ସ୍ୱତନ୍ତ୍ର, ସମ୍ବେଦନଶୀଳ ତଥା ଅପରିବର୍ତନୀୟ ହୋଇ ରହିଆସିଛି ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଜନମାନସରେ ପ୍ରତିଷ୍ଠିତ ଥିବା ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଜଣାଇବା ସହ ତାହାର ମୂଳ ସ୍ୱରପକୁ ଅକ୍ଷୁର୍ଣ୍ଣ ରଖିବା ପ୍ରତିଟି ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ନେତୃତ୍ୱର ପରମ କର୍ତବ୍ୟ ଅଟେ । ଏହି ପରିପ୍ରେକ୍ଷୀରେ, ପଶ୍ଚିମବଙ୍ଗର ଉପକୂଳବର୍ତୀ ପ୍ରସିଦ୍ଧ ପର୍ଯ୍ୟଟନ ସହର ଦୀଘାଠାରେ ନିର୍ମିତ ନୂତନ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ପୂର୍ବରୁ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହୃତ ହେଉଥିବା 'ଧାମ' ଶବ୍ଦର ପ୍ରୟୋଗକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା କିମ୍ବା ଏହାକୁ କେବଳ ଏକ ସାଧାରଣ ମନ୍ଦିର ଆଖ୍ୟାରେ ସୀମିତ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତି ନେଇଛନ୍ତି, ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ, ମାତ୍ର ଏହି ସମଗ୍ର ସଫଳତା ଏବଂ ସଂଶୋଧନମୂଳକ ନିଷ୍ପତି ପଛରେ ଯଦି କାହାର ଦୃଢ ଆଭିମୁଖ୍ୟ, ଅଦମ୍ୟ ସାହସ ଏବଂ ସାଂସ୍କୃତିକ ପ୍ରତିବଦ୍ଧତା ରହିଛି, ସେ ହେଉଛନ୍ତି ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ନିଜର ଭୁଲ୍ ସ୍ୱୀକାର କରି ଏହି ଐତିହାସିକ ସଂଶୋଧନ କରିବା ପ୍ରଶଂସନୀୟ ହୋଇପାରେ, କିନ୍ତୁ ଏହି ପ୍ରସଙ୍ଗକୁ ଉଚ୍ଚ ପ୍ରଶାସନିକ ଏବଂ କୂଟନୈତିକ ସ୍ତରରେ ଉଠାଇ କୋଟି କୋଟି ଓଡିଆ ଓ ଜଗନ୍ନାଥ ଭକ୍ତଙ୍କ ଆହତ ଭାବନାକୁ ପଡୋଶୀ ରାଜ୍ୟର ସର୍ବୋଚ୍ଚ ନେତୃତ୍ୱ ନିକଟରେ ଅତି ସ୍ପଷ୍ଟ ଭାବେ ପହଂଚାଇବାର ସମସ୍ତ ଶ୍ରେୟ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହିଁ ପ୍ରଦାନ କରାଯିବ ଉଚିତ । ପଶ୍ଚିମବଙ୍ଗର ଦୀଘାଠାରେ ପୁରୀର ପବିତ୍ର ଶ୍ରୀମନ୍ଦିର ଶୈଳୀରେ ଏକ ବିଶାଳ ଏବଂ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିବା ନିଶ୍ଚିତ ଭାବେ ସେହି ରାଜ୍ୟର ଜଗନ୍ନାଥ ଅନୁରାଗୀ ଜନସାଧାରଣଙ୍କ ପାଇଁ ଏକ ଭକ୍ତିପୂର୍ଣ୍ଣ ପଦକ୍ଷେପ ଥିଲା, ଯାହା ଶ୍ରଦ୍ଧାଳୁମାନଙ୍କ ମନରେ ଆଧ୍ୟାତ୍ମିକ ଆନନ୍ଦ ସୃଷ୍ଟି କରିଥିଲା, ମାତ୍ର ସରକାରୀ ସ୍ତରରେ ଏବଂ ବିଭିନ୍ନ ବିଜ୍ଞାପନ, ସାଇନବୋର୍ଡ ତଥା ପର୍ଯ୍ୟଟନ ପ୍ରଚାର ପ୍ରସାର ମାଧ୍ୟମରେ ଏହାକୁ 'ଦୀଘା ଜଗନ୍ନାଥ ଧାମ' ଭାବେ ପ୍ରୋଜେକ୍ଟ କରାଯିବା ପରେ ଓଡିଶା ସମେତ ସମଗ୍ର ବିଶ୍ୱରେ ଥିବା ଜଗନ୍ନାଥ ସଂସ୍କୃତିର ଗବେଷକ, ପ୍ରତିଷ୍ଠିତ ସେବାୟତ ମଣ୍ଡଳୀ, ମୁକ୍ତିମଣ୍ଡପର ପଣ୍ଡିତ ସମାଜ ଏଂବ ସନାତନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ତଥା ଅସନ୍ତୋଷ ପ୍ରକାଶ ପାଇଥିଲା । ଶାସ୍ତ୍ର, ପୁରାଣ ଏବଂ ସନାତନ ଧର୍ମର ପ୍ରାଚୀନ ପରମ୍ପରା ଓ ନିୟମ ଅନୁଯାୟୀ, ସମଗ୍ର ଭାରତବର୍ଷର ଚାରି ଦିଗରେ ମାତ୍ର ଚାରିଗୋଟି ମୁଖ୍ୟ ପବିତ୍ର 'ଧାମ' ପ୍ରତିଷ୍ଠିତ ରହିଛି, ଯାହା ମଧ୍ୟରେ ଉତରରେ ବଦ୍ରିନାଥ,





ପଶ୍ଚିମରେ ଦ୍ୱାରକା, ଦକ୍ଷିଣରେ ରାମେଶ୍ୱରମ ଏବଂ ପୂର୍ବ ଦିଗର ସର୍ବୋଚ୍ଚ ପ୍ରତିନିଧିତ୍ୱ କରୁଥିବା ପବିତ୍ର ନୀଳାଚଳ କ୍ଷେତ୍ର ବା ପୁରୀ ହେଉଛି ଏକମାତ୍ର ସାର୍ବଭୌମ 'ଜଗନ୍ନାଥ ଧାମ' ବା ଶ୍ରୀକ୍ଷେତ୍ର, ଯାହାକୁ ଆଦି ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ବିଭିନ୍ନ ପୁରାଣ ଓ ସଂହିତା ଦ୍ୱାରା ଅନାଦି କାଳରୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ ସ୍ୱୀକୃତି ମିଳିଛି । ପୃଥିବୀର ଯେକୌଣସି ପ୍ରାନ୍ତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଭକ୍ତି ଓ ଶ୍ରଦ୍ଧାର କେନ୍ଦ୍ର ସ୍ଥାପନ କରାଯାଇପାରେ, କିନ୍ତୁ ପୁରୀ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଅନନ୍ୟତା, ଗୁପ୍ତ ନୀତିକାନ୍ତି, ମହାପ୍ରସାଦର ମାହାତ୍ମ୍ୟ, ନବକଳେବର ପରମ୍ପରା ଏବଂ ସର୍ବୋପରି ଏବଂ ସର୍ବୋପରି 'ଧାମ'ର ଶାସ୍ତ୍ରୀୟ ମାନ୍ୟତା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅପରିବର୍ତନୀୟ ହୋଇଥିବାରୁ ଅନ୍ୟ କୌଣସି ନୂତନ ନିର୍ମିତ କୃତ୍ରିମ ସ୍ଥାନକୁ ଏହି ଆଖ୍ୟା ଦିଆଯିବା ଜଗନ୍ନାଥ ମୂଳ ଉତ୍ସ ଉପରେ ଏକ ପ୍ରକାର ଆଘାତ ଭଳି ମନେହେଉଥିଲା । ଏହି ଧାର୍ମିକ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ସାଧାରଣରେ ବୁଝିବା ଏବଂ ଓଡିଶାର ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ କ୍ଷତବିକ୍ଷତ ନକରି ସେହି ଅନୁଯାୟୀ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ରାଜନୈତିକ ପରିପକ୍ୱତା, ପ୍ରଶାସନିକ ଦକ୍ଷତା ଏବଂ ଓଡିଆ ଅସ୍ମିତା ପ୍ରତି ଥିବା ନିଜର ଅପୂର୍ବ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି, ତାହା ବାସ୍ତବିକ ସମଗ୍ର ଓଡିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ । ରାଜନୀତିରେ ଅନେକ ସମୟରେ ବିଭିନ୍ନ ରାଜ୍ୟର ନେତୃତ୍ୱ ନିଜର ଅହଂକାର କିମ୍ବା ଆଂଚଳିକ ସ୍ୱାଭିମାନର ଦ୍ୱାହି ଦେଇ ଭୁଲ୍ ନିଷ୍ପତିକୁ ଜାବୁଡି ଧରିବାର ବା ଏକଜିଦିଆ ମନୋଭାବ ପ୍ରଦର୍ଶନ କରିବାର ପ୍ରବୃତି ଦେଖାଯାଇଥାଏ, କିନ୍ତୁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଯୁକ୍ତ, ଶାସ୍ତ୍ରସମ୍ମତ ତଥା ଦୃଢ ହସ୍ତକ୍ଷେପ ଯୋଗୁଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଓଡିଶାର ଦାବିକୁ ସହୃଦୟତାର ସହ ଗ୍ରହଣ କରିବାକୁ ବାଧ ହେଲେ ଏବଂ 'ଧାମ' ଶବ୍ଦର ସରକାରୀ ବ୍ୟବହାରକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇ ନିଜର ବିଜ୍ଞତାର ପରିଚୟ ଦେଲେ । ଓଡିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ହେବା ଦିନଠାରୁ ହିଁ 'ଓଡିଆ ଅସ୍ମିତା' ଏବଂ 'ଜଗନ୍ନାଥ ସଂସ୍କୃତି'ର ସୁରକ୍ଷାକୁ ଶାସନର ମୂଳ ମନ୍ତ୍ର ଓ ପ୍ରାଥମିକତା ଭାବେ ଘୋଷଣା କରାଯାଇଛି ଏବଂ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ଯେ ଓଡିଶାର ସ୍ୱାଭିମାନ ଓ ମହାପ୍ରଭୁଙ୍କ ମର୍ଯ୍ୟାଦା ସହ କୌଣସି ସ୍ଥିତିରେ ବି ସାଲିସ୍ କରାଯିବ ନାହିଁ । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ଜଣେ ପ୍ରକୃତ ଜଗନ୍ନାଥ ଅନୁରାଗୀ ଓ ଓଡିଆ ମାଟିର ସନ୍ତାନ ଭାବରେ ପ୍ରଦର୍ଶନ କରିଥିବା ଏହି ଦୃଢତା ସମଗ୍ର ଓଡିଶାବାସୀଙ୍କ ମନରେ ଏକ ଅଭୁତପୂର୍ବ ଆତ୍ମବିଶ୍ୱାସ ଜଗାଇଛି, କାରଣ ସେ କେବଳ ଓଡିଶା ଭିତରେ ସୀମିତ ନରହି ଜାତୀୟ ସ୍ତରରେ ମଧ୍ୟ ଓଡିଶାର ସାଂସ୍କୃତିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଜଣେ ଉଚ୍ଚକୋଟିର ପ୍ରଶାସକ ତଥା ଦୂରଦୃଷ୍ଟି ସମ୍ପନ୍ନ ନେତା ଭାବରେ ସେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କୌଣସି ଅଯଥା ରାଜନୈତିକ କଟୁତା କିମ୍ବା ପଡୋଶୀ ରାଜ୍ୟ ସହ ସମ୍ପର୍କ ଖରାପ କରିବାକୁ ଚାହୁଁନଥିଲେ ବରଂ ସେ ପଶ୍ଚିମବଙ୍ଗ ସରକାରଙ୍କ ସହ ଅତ୍ୟନ୍ତ ସମ୍ମାନଜନକ, ସହାର୍ଦ୍ଦ୍ୟପୂର୍ଣ୍ଣ ଏବଂ କୂଟନୈତିକ ସ୍ତରରେ ଆଲୋଚନା କରି ଶାସ୍ତ୍ରୀୟ ପ୍ରମାଣ ସହ ପୁରୀ ଶ୍ରୀକ୍ଷେତ୍ରର ଅନନ୍ୟତା ବିଷୟରେ ପଡୋଶୀ ରାଜ୍ୟକୁ ଅବଗତ କରାଇବାରେ ସଫଳ ହେଲେ । ଓଡିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ଶତାବ୍ଦୀ ଶତାବ୍ଦୀର ପୁରୁଣା ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବଙ୍ଗୀୟ ଶ୍ରଦ୍ଧାଳୁମାନଙ୍କ ଜୀବନଚର୍ଯ୍ୟା, ସାହିତ୍ୟ, କଳା ଓ ଭକ୍ତିଭାବରେ ଜଗନ୍ନାଥ ସଂସ୍କୃତି ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଜଡିତ ହେବା ସହ ପ୍ରତିବର୍ଷ ଲକ୍ଷ ଲକ୍ଷ ବଙ୍ଗୀୟ ଭକ୍ତ ଆବେଗର ସହ ପୁରୀ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥାନ୍ତି, ତେଣୁ ଦୀଘାଠାରେ ନିର୍ମିତ ଭବ୍ୟ ମନ୍ଦିର ନିଶ୍ଚିତ ଭାବେ ପଶ୍ଚିମବଙ୍ଗରେ ଜଗନ୍ନାଥ ଚେତନାର ଆହୁରି ଅଧିକ ବିସ୍ତାର କରିବ ଏବଂ ଭକ୍ତିର ଏକ ନୂତନ ପରିବେଶ ସୃଷ୍ଟି କରିବ, ମାତ୍ର ଯଦି 'ଧାମ' ଶବ୍ଦର ବ୍ୟବହାରକୁ ନେଇ ବିବାଦ ଓ ଅସନ୍ତୋଷ ଦୀର୍ଘସ୍ଥାୟୀ ରୂପ ନେଇଥାନ୍ତା, ତେବେ ତାହା ଦୁଇ ପଡୋଶୀ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଏକ ଅଯଥା ସାଂସ୍କୃତିକ ପ୍ରତିଦ୍ୱନ୍ଦିତାର ପ୍ରାଚୀର ଠିଆ କରିବାର ଆଶଙ୍କା ରହିଥିଲା । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସମୟୋଚିତ ଏବଂ ପ୍ରଭାବଶାଳୀ ହସ୍ତକ୍ଷେପ ସେହି ସମ୍ଭାବ୍ୟ ବିବାଦର ସୂତ୍ରପାତକୁ ଆରମ୍ଭରୁ ହିଁ ପ୍ରଶମିତ କରିଦେଇଛି ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟର ଏକ ନୂଆ ଅଧ୍ୟାୟ ରଚନା କରିଛି, ଯାହା ପ୍ରମାଣିତ କରୁଛି ଯେ ଆଧ୍ୟାତ୍ମିକତା କେବେ ବି ପ୍ରତିଯୋଗିତାର ବିଷୟ ନୁହେଁ, ବରଂ ଏହା ସମର୍ପଣ, ସହଭାଗିତା ଏବଂ ପାରସ୍ପରିକ ସମ୍ମାନର ଏକ ମହାମିଳନ ପୀଠ । ହିନ୍ଦୁ ଧର୍ମ ଏବଂ ସନାତନ ବିଶ୍ୱାସରେ ପ୍ରତିଟି ପାରମ୍ପରିକ ଶବ୍ଦର ଏକ ନିର୍ଦ୍ଦିଷ୍ଟ ଆଧ୍ୟାତ୍ମିକ ଗାମ୍ଭୀର୍ଯ୍ୟ ଓ ପ୍ରାମାଣିକତା ରହିଥାଏ ଏବଂ 'ଧାମ', 'ପୀଠ' କିମ୍ବା 'କ୍ଷେତ୍ର' ଭଳି ଆଖ୍ୟାଗୁଡିକ କେବଳ କୌଣସି ପର୍ଯ୍ୟଟନ ସ୍ଥଳୀର ଆକର୍ଷଣ ବଢାଇବା ପାଇଁ ବ୍ୟବହୃତ କୃତ୍ରିମ ସଂଜ୍ଞା ନୁହେଁ, ବରଂ ଏହା ପଛରେ ରହିଛି ଶତାବ୍ଦୀ ଶତାବ୍ଦୀର ତପସ୍ୟା, ସାଧନା, ସାଧୁସନ୍ତଙ୍କ ଆଶୀର୍ବାଦ ଏବଂ ଐଶ୍ୱରୀୟ ଶକ୍ତିର ପ୍ରାଦୁର୍ଭାବ, ଯାହାକୁ ପଶ୍ଚିମବଙ୍ଗ ସରକାର ଗ୍ରହଣ କରି ନିଜର ପୂର୍ବ ନିଷ୍ପତି ବଦଳାଇବା ଦ୍ୱାରା ସନାତନ ଧର୍ମର ପ୍ରାଚୀନ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିଛି । ବିଗତ ଦିନମାନଙ୍କରେ ଅନେକ ସମୟରେ ଓଡିଶାର ସାଂସ୍କୃତିକ ସ୍ୱାଭିମାନ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଉପାଦାନ ଉପରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଲେ ମଧ୍ୟ ସରକାରୀ ସ୍ତରରେ ସେଭଳି କଠୋର ତଥା ପ୍ରଭାବଶାଳୀ ପ୍ରତିବାଦ ବା ପ୍ରତିରକ୍ଷା ଦେଖିବାକୁ ମିଳୁନଥିଲା, ମାତ୍ର ବର୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମାଣ କରିଦେଇଛନ୍ତି ଯେ ଓଡିଶାର ପ୍ରତିଟି ସ୍ୱାଭିମାନ ପ୍ରଶ୍ନରେ ସେ ସଦା ସର୍ବଦା ଜାଗ୍ରତ ପ୍ରହରୀ ଭଳି ଠିଆ ହେବେ । ଏହି ସମଗ୍ର ସଫଳତା ପାଇଁ ସେ ନିଶ୍ଚିତ ଭାବେ ଓଡିଶାବାସୀ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ସମଗ୍ର ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କ ପକ୍ଷରୁ ଗଭୀର କୃତଜ୍ଞତା, ସମ୍ମାନ ଏବଂ ସର୍ବାଧିକ ଶ୍ରେୟର ଅଧିକାରୀ ଅଟନ୍ତି, କାରଣ ତାଙ୍କର ଏହି ନିର୍ଭୀକ ପଦକ୍ଷେପ ଯୋଗୁଁ ପଶ୍ଚିମବଙ୍ଗ ସରକାର ନିଜର ଭୁଲ୍ ବୁଝିବାକୁ ବାଧ୍ୟ ହେଲେ ଏବଂ ଏହି ନିର୍ଣ୍ଣୟ ଆଗାମୀ ଦିନରେ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ଭାତୃଭାବ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ପାରସ୍ପରିକ ସୌହାର୍ଦ୍ଦ୍ୟକୁ ଆହୁରି ସମୃଦ୍ଧ ତଥା ସୁଦୃଢ କରିବ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଓଡିଶାରୁ ଆସିଥିବା ଏହି ଯୁକ୍ତିଯୁକ୍ତ ସ୍ୱରକୁ ସମ୍ମାନ ଜଣାଇ 'ଧାମ' ଶବ୍ଦ ହଟାଇବା ପାଇଁ ଯେଉଁ ରାଜନୈତିକ ଉଦାରତା ଦେଖାଇଲେ, ତାହା ମଧ୍ୟ ପ୍ରଶଂସନୀୟ, କିନ୍ତୁ ଏହି ସଂଶୋଧନର ପ୍ରକୃତ କର୍ଣ୍ଣଧାର ଓ ନାୟକ ହେଉଛନ୍ତି ଓଡିଶାର ଗୌରବ ମୋହନ ଚରଣ ମାଝୀ । ଏହି ସାସ୍କୃତିକ ବିଜୟ ସାରା ବିଶ୍ୱର ଓଡିଆ ଜାତିକୁ ଏକ ସୂତ୍ରରେ ବାନ୍ଧିବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ସାର୍ବଭୌମତ୍ୱକୁ ଆହୁରି ଉଚ୍ଚତର ସ୍ଥାନ ପ୍ରଦାନ କରିଛି ଏବଂ ଆଗାମୀ ଦିନରେ ଓଡିଶାର ସ୍ୱାଭିମାନ ଓ ସଂସ୍କୃତିର ରକ୍ଷା ପାଇଁ ଏହିଭଳି ଦୃଢ ନେତୃତ୍ୱ ସର୍ବଦା ପଥପ୍ରଦର୍ଶକ ସାଜିବ, ଏଥିରେ କୌଣସି ସନ୍ଦେହ ନାହିଁ । ଶ୍ରୀଜଗନ୍ନାଥଙ୍କ ସେବାରେ ସମର୍ପିତ ଏହି ଦୃଢ ନେତୃତ୍ୱ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଓଡିଶାବାସୀଙ୍କ ତରଫରୁ ଭୂରି ଭରି ପ୍ରଶଂସା, ସାଧୁବାଦ ଏବଂ 'ହ୍ୟାଟ୍ସ ଅଫ୍' ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ମନରେ ଏହିଭଳି ସଦ୍‌ବୁଦ୍ଧି, ସମନ୍ୱୟ ଏବଂ ଭକ୍ତିର ପବିତ୍ର ଭାବନା ସର୍ବଦା ଜାଗ୍ରତ ରଖନ୍ତୁ ବୋଲି ଆମର ବିନମ୍ର ପ୍ରାର୍ଥନା ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋ-୯୪୩୭୯୪୩୭୯*

# 'ଉଲ୍‌ଗୁଲାନ୍'ର ମହାନାୟକ

◆ ଦଶରଥ ହେମ୍ବ୍ରମ୍

ଆଦିଭୂମି ଭାରତରେ ରହୁଥିବା ଆଦିବାସୀଙ୍କ ନିଜ ଧର୍ମ, ଜଳ, ଜମି ଏବଂ ଜଙ୍ଗଲ ଅଧିକାର ପାଇଁ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାର ବିରୋଧରେ ସ୍ୱର ଉତୋଳନ କରିବା ଏବଂ ଉଲ୍‌ଗୁଲାନ୍ ମହାଆନ୍ଦୋଳନର ସୂତ୍ରଧର ହେଉଛନ୍ତି ଧରତୀ ଆବା ବିର୍ସା ମୁଣ୍ଡା । ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରାଯାଉଛି । ଭଗବାନ ବିର୍ସା ମୁଣ୍ଡା ଥିଲେ ଆଦିବାସୀ ସମ୍ପ୍ରଦାୟର ଗର୍ବ ଓ ଗୌରବ । ଆଦିବାସୀଙ୍କ ପରିଚୟ ଏବଂ ଅସ୍ମିତାର ପ୍ରତୀକ । ସେ ଭାରତର ଜଣେ ସୁଯୋଗ୍ୟ ସନ୍ତାନ । ମହାନ୍ ଆଦିବାସୀ ନେତା ତଥା ବିପ୍ଳବର ଅନ୍ୟ ନାମ ବିପ୍ଳବୀ ବିର୍ସା ମୁଣ୍ଡା ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ସରକାର କବଳରୁ ଭାରତ ମାଟିକୁ ମୁକ୍ତ କରିବା ପାଇଁ ଯେଉଁ ମହାବିଦ୍ରୋହ ଉଲ୍‌ଗୁଲାନ୍ କରି ବଳିଦାନ ଦେଇଛନ୍ତି, ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ସେ ଜଣେ ଦୟାଳୁ, ପରୋପକାରୀ, ଧାର୍ମିକ, ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିତ୍ୱ ଯୋଗୁଁ ବିଦେଶୀ ଧର୍ମକୁ ବିରୋଧ କରି ନିଜ ମୂଳ ଧର୍ମକୁ ପ୍ରତ୍ୟାବର୍ତନ କରିବା ପାଇଁ ଆଦିବାସୀଙ୍କୁ ଆହ୍ୱାନ କରିଥିଲେ । ସେତେବେଳେ ଅନେକ ଆଦିବାସୀ ବିଦେଶୀ ଧର୍ମ ତ୍ୟାଗ କରି ମୂଳ ଭାରତୀୟ ଧର୍ମକୁ ଫେରିଥିଲେ । ସେଦିନଠାରୁ ବିର୍ସା ମୁଣ୍ଡା ହେଇଯାଇଥିଲେ 'ଧରମ ବାବା', 'ଧରତୀ ଆବା' ତଥା 'ଭଗବାନ' । ଆଦିବାସୀ ସମ୍ପ୍ରଦାୟ ସବୁବେଳେ ନିଜର ସ୍ୱାଭିମାନ ସହ ବଂଚିବା ଶିଖିଛି, କିନ୍ତୁ ଏହାର ପରମ୍ପରା ଓ ସଂସ୍କୃତିକୁ ଯେତେବେଳେ ନଷ୍ଟ କରିବାକୁ ପ୍ରୟାସ ଆରମ୍ଭ ହୋଇଛି ସେତେବେଳେ ଭଗବାନ ବିର୍ସା ମୁଣ୍ଡାଙ୍କ ପରି ମହାନାୟକମାନେ ଏ ପୁଣ୍ୟଭୂମି ଭାରତରେ ଜନ୍ମଗ୍ରହଣ କରିଛନ୍ତି । ସେମାନେ ଆଦିବାସୀ ସଂସ୍କୃତି, ଇତିହାସ, ଐତିହ୍ୟ, ପରମ୍ପରା ଆଦିର ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି । ଜଳ, ଜମି ଏବଂ ଜଙ୍ଗଲ ଅଧିକାର ତଥା ଭାରତ ମାତାକୁ ସୁରକ୍ଷା ଦେବା ପାଇଁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ମହାସଂଗ୍ରାମ କରି କେତେଜଣ ଯେ ପ୍ରାଣ ତ୍ୟାଗ କରିଛନ୍ତି ତା'ର ହିସାବ ନାହିଁ । ତଥାପି, ଭାରତକୁ ଇଂରେଜ ମୁକ୍ତ କରିବା ପାଇଁ ସର୍ବଦା ମୁଣ୍ଡ ଟେକିଥିଲା ଆଦିବାସୀ ସମ୍ପ୍ରଦାୟ । ପରିଶେଷରେ ଅଗଷ୍ଟ ୧୫, ୧୯୪୭ ମସିହାରେ ଆଦିଭୂମି ଭାରତ ସ୍ୱାଧୀନତା ପାଇଥିଲା । ଉଲ୍‌ଗୁଲାନ୍‌ର ମହାନାୟକ ଭଗବାନ୍ ବିର୍ସା ମୁଣ୍ଡାଙ୍କ ଆହ୍ୱାନ ଥିଲା - ଆବୁଆ ରାଜା ଇତେ ଜାନା, ମହାରାନୀ ରାଜ୍ ଟୁଡୁ ଜାନା ଅର୍ଥାତ୍ ମହାରାଣୀଙ୍କ ସାମ୍ରାଜ୍ୟ ପତନ ହେଉ, ଆମ ସାମ୍ରାଜ୍ୟ ପ୍ରତିଷ୍ଠା ପାଉ । ଭଗବାନ ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟ ଥିଲା, ଖୁବ ଶୀଘ୍ର ବ୍ରିଟିଶମାନଙ୍କୁ ଭାରତରୁ ବିତାଡ଼ିତ କରି ଭାରତରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରାଯିବ, ଏହାକୁ କେହି ବି ଅଟକାଇ ପାରିବେ ନାହିଁ । ଆମ ଦେଶରେ ଆମେ ରାଜା । ତେଣୁ ବିର୍ସାଙ୍କ ଆହ୍ୱାନ କ୍ରମେ ଅନେକ ଆଦିବାସୀ ଯୁବକ ଉଲ୍‌ଗୁଲାନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆରମ୍ଭ ହୋଇଥିଲା ଇଂରେଜ ବିରୁଦ୍ଧରେ ଭଗବାନ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ 'ଉଲ୍‌ଗୁଲାନ୍' ମହାବିଦ୍ରୋହ । ୧୮୯୪ ଅକ୍ଟୋବର ୧ ତାରିଖ, ବିର୍ସା କେତେଜଣ ଆଦିବାସୀଙ୍କୁ ନେଇ ଚାଇଁବସାସ୍ଥିତ କଚେରିରେ ପହଂଚିଥିଲେ । ଇଂରେଜ ସରକାରର ଅନ୍ୟାୟ ନୀତି ବନ୍ଦ ଲାଗି ଦାବି କରାଯାଇଥିଲା କିନ୍ତୁ ତାହାକୁ କର୍ଣ୍ଣପାତ ନ କରି ସେମାନଙ୍କୁ ଗିରଫ କରାଗଲା ।



୧୮୯୬ରେ ରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପୂର୍ବରୁ ବିର୍ସା ସମେତ ଅନ୍ୟମାନଙ୍କୁ କାରାଗାରରୁ ମୁକ୍ତି କରାଗଲା । ସେତେବେଳେ ସାରା ଦେଶରେ ମରୁଡ଼ିର କରାଳଛାୟା ଘେରି ରହିଥାଏ । ସରକାରଙ୍କ ସିପାହୀ ଗାଁ ଗାଁ ବୁଲି ଜବରଦସ୍ତ ଚାଉଳ, ଧାନ ଓ ଖଜଣା ଅସୁଲ କଲେ । ଖଜଣା ନ ହେଲେ ସ୍ତ୍ରୀମାନଙ୍କ ଦେହରୁ ଗହଣା ଲୁଟ୍ କରି ନେଉଥିଲେ । ଏସବୁ ବିର୍ସା ଦେଖି ସହି ନପାରି ନିଜର ସାଙ୍ଗସାଥୀ ମାନଙ୍କୁ ଏକାଠି କରି ସମସ୍ତଙ୍କ କାନ୍ଧରେ କୁରାଢ଼ି ଓ ହାତରେ ଧନୁଶର ଧରିବାକୁ ନିବେଦନ କଲେ । ସେମାନଙ୍କ ସହିତ ବିଦ୍ରୋହ କରିବାକୁ ହେବ । ସେହି ସମୟର ଇଂରେଜ ସରକାରଙ୍କର ମୁଖ୍ୟ ଦାରୋଗା ୟୁସୁଫ୍ ଖାଁ ଆଦିବାସୀ କୁରାଢ଼ି ଚୋଟରେ ପ୍ରାଣ ହରାଇଲା । ତାର ମାଡ଼ରେ ଅନ୍ୟତମ ଇଂରେଜ ଦାରୋଗା ଗୁଲାବ୍ ଖାଁ ମଧ୍ୟ ମରିଗଲା । ରାଂଚିଠାରେ ଅବସ୍ଥାପିତ ଡେପୁଟି କମିଶନର ଷ୍ଟ୍ରେଟ୍ ଫିଲ୍ଡ ବିଚଳିତ ହୋଇ ପଡ଼ିଲେ । ନରହତ୍ୟା ଅପରାଧରେ ବିର୍ସା ମୁଣ୍ଡାଙ୍କୁ ଗିରଫ କରିବା ଲାଗି ପରୱାନା ଜାରିକରାଗଲା । ଏଇଠୁ ତେଜି ଉଠିଲା ବିର୍ସା ମୁଣ୍ଡାଙ୍କ ବିଦ୍ରୋହର ଅଗ୍ନିଶିଖା । ବିର୍ସା ମୁଣ୍ଡାଙ୍କ ପ୍ରଧାନ ସହଯୋଗୀ ଥିଲେ ଗୟା ମୁଣ୍ଡା । ତାଙ୍କୁ ଗିରଫ କରିବା ପାଇଁ ଖୁଂଟି ଥାନାର କେତେଜଣ ସିପାହୀଙ୍କୁ ପଠାଇ ଦିଆଗଲା । ଗୟା ମୁଣ୍ଡାଙ୍କୁ ଧରିବା ପୂର୍ବରୁ ସିପାହୀ ଜୟରାମ ଓ ବୁଦୁରାମଙ୍କର ଜୀବନ ବିଦ୍ରୋହୀ ମାନଙ୍କ ଦ୍ୱାରା ନିଆଗଲା । ଏ ଖବର ଶୁଣି ଇଂରେଜ ସରକାରଙ୍କର ଚିନ୍ତା ବଢ଼ିଯାଇଥିଲା । ବିର୍ସା ମୁଣ୍ଡାଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ଇଂରେଜ ସରକାରଙ୍କ ଦ୍ୱାରା ପାଂଚ ଶହ ଟଙ୍କା ଅର୍ଥ ପୁରସ୍କାର ଘୋଷଣା କରାଗଲା । ଏହା ବ୍ୟତୀତ ବିର୍ସାଙ୍କୁ ସରକାରୀ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଲେ । କିନ୍ତୁ ବିର୍ସା ମୁଣ୍ଡା ଇଂରେଜ ସରକାରଙ୍କ କୌଣସି ପ୍ରଲୋଭନରେ ନପଡ଼ି ଇଂରେଜମାନଙ୍କୁ ଚେତାବନୀ କରି ସେତେବେଳେ କହିଥିଲେ, ମୋର ଦରକାର ପୂର୍ଣ୍ଣ ସ୍ୱରାଜ । ସ୍ୱରାଜ ହାସଲ କରିବା ପାଇଁ ମୁଁ ମୋ ଜୀବନ ଦେବାକୁ ପ୍ରସ୍ତୁତ । ଇଂରେଜ ଶାସନ ହଟାଇ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ମୋ ଲକ୍ଷ୍ୟ ।ନ୍ତ ୧୯୦୦ ମସିହା ଜାନୁଆରି ୯ ତାରିଖରେ ଡୋମ୍ବାରୀ ଗୁଳିକାଣ୍ଡ ଘଟିଲା । ବ୍ରିଟିଶ ସରକାରଙ୍କ ତରଫରୁ ଡେପୁଟି କମିଶନର ଷ୍ଟ୍ରେଟ୍ ପିଲ୍‌ଙ୍କ ନିର୍ଦ୍ଦେଶରେ ମୁକ୍ତିକାମୀ ବିଦ୍ରୋହୀଙ୍କ ଉପରକୁ ଗୁଳି ଚାଳନା କରାଗଲା । ଦୁଇ ହଜାରରୁ ଅଧିକ ଆଦିବାସୀ ବିଦ୍ରୋହୀ ପୋଲିସ ଗୁଳିରେ ସହିଦ ହେଲେ । ଏହି ଗୁଳିକାଣ୍ଡରୁ ବିର୍ସା ମୁଣ୍ଡା ଖସି ପଳାଇଥିଲେ । ତାଙ୍କ ଦ୍ୱାରା ପରିଚାଳିତ ବିଦ୍ରୋହ ସିଂହଭୂମି ରାଜ୍ୟରେ ଚାଂଚଲ୍ୟ ଖେଳାଇ ଦେଇଥିଲା । ବିର୍ସାଙ୍କୁ ଧରିବା ପାଇଁ ପୋଲିସର ଆଦିବାସୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କଲେ । ସେମାନଙ୍କ ଘରରେ ନିଆଁ ଲଗାଇଦେଲେ । ରକ୍ଷା କରିବା ପାଇଁ ବିର୍ସାଙ୍କର ଦୁଇ ସହଯୋଗୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଆତ୍ମସମର୍ପଣ କଲେ । ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଦୁଇଜଣ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଏବଂ ମାଝିତା ମାରିଆ ପାଂଚ ଶାହ ଟଙ୍କା ଲୋଭରେ ବିର୍ସାଙ୍କୁ ପୋଲିସ ହାତରେ ଧରେଇଦେବାରୁ ତାଙ୍କୁ ଜଙ୍ଗଲରୁ ଗିରଫ କରାଗଲା । ବିର୍ସା ମୁଣ୍ଡାଙ୍କ ପରି ଏକ ମହାବଳ ବାଘକୁ ଖୋଲାରେ ନେବା ସରକାରଙ୍କ ପକ୍ଷେ ସମ୍ଭବ ନଥିଲା । ତେଣୁ ତାଙ୍କ ହାତରେ ହାତକଡ଼ି, ଅଂଟାରେ ଲୁହା ଶିକୁଳି ଓ ପାଦରେ ଲୁହା ବେଡ଼ି ଦିଆଯାଇଥିଲା । ସେତେବେଳେ ବିର୍ସା ମୁଣ୍ଡାଙ୍କ ମୁଣ୍ଡରେ ଏକ ଧଳା ପଗଡ଼ି ବନ୍ଧା ଯାଇଥିଲା । ସେ ହସିହସି ପୋଲିସ୍ ସହିତ କଦମ ପକାଇ ଆଗେଇ ଯାଉଥିଲେ । ନ୍ୟାୟଳୟରେ ବିଚାର ଆରମ୍ଭ ହେଲା । କାଠଗଡ଼ାରେ ବିର୍ସା ଚେତାଶୂନ୍ୟ ହେଲେ । ଜେଲ୍‌କୁ ଫେରାଇ ଆଣି ତାଙ୍କୁ ଔଷଧ ଦିଆଗଲା । ପରେ ତାଙ୍କ ଖାଦ୍ୟରେ ବିଷ ଔଷଧ ଦେଇ ଭଗବାନ ବିର୍ସାଙ୍କୁ ମାରି ଦିଆଯାଇଥିଲା । ସେଦିନ ଥିଲା ୧୯୦୦ ମସିହା ଜୁନ ୯ ତାରିଖ । ଶବ ବ୍ୟବଚ୍ଛେଦ ପରେ ରାଂଚି ଜେଲ୍‌ରେ ଥିବା ସହବନ୍ଦୀ ମାନଙ୍କ ସାହାଯ୍ୟରେ ବିର୍ସା ମୁଣ୍ଡାଙ୍କର ଶବ ସତ୍କାର କରାଗଲା । ବିର୍ସା ମୁଣ୍ଡା କେବଳ ଆଦିବାସୀ ସଂସ୍କୃତିର ବାର୍ତାବହ ନଥିଲେ ବରଂ ତାଙ୍କର ସ୍ୱଳ୍ପ ଜୀବନ କାଳରେ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ କ'ଣ ରହିବା ଆବଶ୍ୟକ ତାହା କରି ଦେଖାଇ ଥିଲେ । ଧର୍ମ ପରିବ□ନ ବିରୋଧରେ ଦୃଢ଼ତାର ସହ ଛିଡ଼ା ହେବାର ସଂକଳ୍ପ ଏବଂ ସାହସିକତା ତାଙ୍କୁ ଭାରତବର୍ଷର ମହାନ ଜନନାୟକ ତଥା ଶ୍ରେଷ୍ଠ ମୁକ୍ତି ଆନ୍ଦୋଳନର ଯୁଦ୍ଧାର ପରିଚିୟ ରହିଛି । ଭଗବାନ ବିର୍ସା ମୁଣ୍ଡା ଧର୍ମ, ସଂସ୍କୃତି ଓ ଦେଶର ରକ୍ଷା ପାଇଁ ନିଜକୁ ସମର୍ପିତ କରି ଦେଶବାସୀଙ୍କ ପାଇଁ ପ୍ରେରଣା ହୋଇ ପାରିଛନ୍ତି ।

*ବାଲେଶ୍ୱର, ମୋ. ୯୩୩୭୪୦୪୨୫୪*





# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଭବ୍ୟ ଶୁଭାରମ୍ଭ

ଭଦ୍ରକ: (ହି.ସ.) - ରାଜ୍ୟର ପ୍ରତ୍ୟେକ ଗରିବ ଓ ଅଭାବୀ ପରିବାର ପାଇଁ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଭଦ୍ରକ ଟାଉନ ହଲ୍ ପରିସରରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଜନସାଧାରଣ ଓ ଅତିଥିମାନେ ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ଏହାପରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସିତାଂଶୁ ଶେଖର ମହାପାତ୍ରଙ୍କ କରକମଳରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଔପଚାରିକ ଉଦ୍ଘାଟନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଏହି ଭବ୍ୟ ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକି ହବିବ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ କହିଥିଲେ ଯେ, ଏହା ରାଜ୍ୟ ସରକାରଙ୍କର ଏକ ଐତିହାସିକ ଓ ଜନକଲ୍ୟାଣମୂଳକ ପଦକ୍ଷେପ । ଏହି ଯୋଜନା ମାଧ୍ୟମରେ ଗରିବ ଓ ଯୋଗ୍ୟ ହିତାଧିକାରୀମାନଙ୍କୁ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି, ଯାହା ଖାଦ୍ୟ ନିରାପତା ସୁନିଶ୍ଚିତ କରିବା ସହ ସେମାନଙ୍କ ଆର୍ଥିକ ବୋଝକୁ ହ୍ରାସ କରିବ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସମାଜର ଶେଷ ଧାଡ଼ିର ଲୋକଙ୍କ ନିକଟରେ କଲ୍ୟାଣମୂଳକ ଯୋଜନାର ସୁଫଳ ପହଂଚାଇବା ପାଇଁ ପ୍ରତିବଦ୍ଧ ରହିଛନ୍ତି । ଏହି ଯୋଜନା ସାମାଜିକ ନ୍ୟାୟ ଓ ସମାବେଶୀ ବିକାଶ ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଯୋଜନା ଅଧୀନରେ ଏ ନ ଏ ଫ ଏ ସ ଏ - ପିଏମଜିକେଏୱାଇ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ହିତାଧିକାରୀ ପିଛା ପ୍ରତିମାସ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ । ଯୋଜନାଟି ଚଳିତ ବର୍ଷ ଏପ୍ରିଲ ମାସରୁ ଲାଗୁ ହୋଇଥିବାରୁ ହିତାଧିକାରୀମାନେ ଏକକାଳୀନ ଭାବେ ଏପ୍ରିଲ, ମେ ଓ ଜୁନ ମାସର ମୋଟ ୧୫ କିଲୋଗ୍ରାମ ଅତିରିକ୍ତ ଚାଉଳ ନିଶୁଳ୍କରେ ପାଇପାରିବେ । ଭଦ୍ରକ ଜିଲ୍ଲାରେ ସର୍ବସାଧାରଣଙ୍କୁ ଖାଦ୍ୟ ସୁରକ୍ଷା ସୁବିଧା ପ୍ରଦାନ ପାଇଁ ଯୋଗାଣ ବିଭାଗ ପକ୍ଷରୁ ସୁଦୃଢ଼ ସାର୍ବଜନୀନ ବିତରଣ ବ୍ୟବସ୍ଥା କାର୍ଯ୍ୟକରୀ କରାଯାଇଛି । ଜିଲ୍ଲାରେ ୭ଟି ବ୍ଲକ, ୭ଟି ତହସିଲ, ୨ଟି ପୌରପାଳିକା ଏବଂ ୨ଟି ଏନ୍ଏସି ରହିଥିବା ବେଳେ ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୧୫, ୦୬, ୩୩୭ ରହିଛି । ଜିଲ୍ଲାରେ ମୋଟ ୪୪୫ଟି ନ୍ୟାୟମୂଲ୍ୟ ଦୋକାନ କାର୍ଯ୍ୟ କରୁଛି । ସେଥିମଧ୍ୟରୁ ୧୩୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ , ୨୯ଟି ଗ୍ରାମ ପଂଚାୟତ, ୧ଟି ସମବାୟ ସମିତି ଏବଂ ୨୭୯ଟି ବ୍ୟକ୍ତିଗତ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି । ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୩,୪୪,୪୬୨ ପରିବାରର ୧୧,୫୧,୧୯୧ ଜଣ ସଦସ୍ୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୧୯, ୧୩୧ ପରିବାରର ୩୬,୬୭୦ ଜଣ ସଦସ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ଏହିପରି ମୋଟ ୩,୬୩,୫୯୩ ପରିବାରର ୧୧,୮୭,୮୬୧ ଜଣ ସଦସ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି । ପ୍ରତିମାସରେ ଏନଏଫଏସଏ ଅଧୀନରେ ୬୫,୬୭୧ କ୍ୱିଂଟାଲ ଏବଂ ଏସଏଫଏସଏସ ଅଧୀନରେ ୧,୫୫୫.୫୫ କ୍ୱିଂଟାଲ ଚାଉଳ ଆବଂଟନ କରାଯାଉଥିବା ବେଳେ ମୋଟ ୬୭, ୨୨୬.୫୫ କ୍ୱିଂଟାଲ ଚାଉଳ ବଂଟନ ପାଇଁ ଯୋଗାଇ ଦିଆଯାଉଛି । ସେହିପରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ତିନି ମାସ ପାଇଁ ୧, ୭୮,୧୭୯.୧୫ କ୍ୱିଂଟାଲ ଚାଉଳ ଆବଂଟନ କରାଯାଇଛି ।

# ରାଜ୍ୟସ୍ତରୀୟ ଚଉଁରୀ ମହୋତ୍ସବ
# ମନମୋହିଲା ଛୁଙ୍କ ପଖାଳ ଓ ପୋଡ଼ପିଠା

ଭଦ୍ରକ : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ମୁକୁନ୍ଦପୁର ପଂଚାୟତ ଅଧିନ ଚଉଁରୀ ଗାଁର ବଡ଼ଦାଣ୍ଡରେ ଚଉଁରୀ ମହୋତ୍ସବ ରବିବାର ପହିଲିରଜରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଛୁଙ୍କ ପାଖଳ , ପୋଡ଼ପିଠା ଓ ରଜଦୋଳି ସମସ୍ତଙ୍କ ମନମୋହିଥିଲା ।ଏହି ରଜ ମହୋତ୍ସବରେ ଗାଁର ଭଣଜା ମାନଙ୍କୁ ଉପଢୌକନ ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇବା ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା । ଏହି ଅବସରରେ ରଜ ମହୋତ୍ସବ କମିଟି ସଭାପତି ଅଜୟ କୁମାର ନାୟକଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ସଂସ୍କୃତି ମଣିଷର ଅନ୍ତର୍ନିହିତ ଚେତନା । ସମସ୍ତଙ୍କର ମାନସିକତାର ପରିବର୍ତ୍ତନ ହେଲେ ସଂସ୍କୃତି ପରମ୍ପରା ଉଜ୍ଜୀବିତ ହୋଇ ରହିପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ଦୀନବନ୍ଧୁ ପତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସଂସ୍କୃତି ପରମ୍ପରା ଅବକ୍ଷୟ ନହେବା ଉପରେ ଆଲୋକପାତ କରିବା ସହ ରଜପର୍ବ ଓଡ଼ିଶାର ଏକ ସ୍ୱତନ୍ତ୍ର ପର୍ବଭାବେ ପରିଗଣିତ ହୋଇଆସିଛି ବୋଲି କହିଥିଲେ । ସମ୍ପାଦକ ରତିକାନ୍ତ ଦାସ ବିବରଣୀ ପାଠ କରିଥିଲେ କ୍ଷ ଯଯାତି କେଶରୀ ଦାସ ଧନ୍ୟବାଦ ଦେଇଥିଲେ କ୍ଷ ପ୍ରଥମ ଅଧିବେଶନରେ କବୀ ବିଶ୍ୱମୈତ୍ରୀ ନାୟକ ଓ ବିଜୟ ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠୋଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ଆଇନି ଜୀବୀ ଉମାକାନ୍ତ ଦାସ ଓ ଚିନ୍ତାମଣି ଦାସ, ଗଣେଶ ପ୍ରସାଦ ନାୟକ, ପ୍ରଦୋଷ ସ୍ୱାଇଁ,ହୃଷିକେଶ ପାଢ଼ୀ, ପି ହୃଷିକେଶ, ନିତ୍ୟାନନ୍ଦ ପଟ୍ଟନାୟକ, ମୁକୁନ୍ଦଦେବ ନାୟକ, ଅଜୟ କୁମାର ରାଉତ, ଦେବେନ୍ଦ୍ର ମହାଲିକ, ଜୟନ୍ତ କୁମାର ନାୟକ,ପିତାମ୍ବର ସେଠୀ, ସୁରେଶ ଦାସ,ଧୀରେନ୍ଦ୍ର ସାହୁ,ବଳରାମ ମଲ୍ଲିକ,ନିରଞ୍ଜନ ପାଢ଼ୀ,ସୁବାଷ ମହାନ୍ତି,ଆଶୁତୋଷ କରଣ, ଜଗବନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତରହି କବିତା ପାଠ କରିଥିଲେ । ଉତ୍ସବ ପରେ ସମସ୍ତଙ୍କୁ ଛୁଙ୍କ ପଖାଳ ପରିବେଷଣ କରାଯାଇଥିଲା କ୍ଷ ପ୍ରଥମେ ଅତିଥିମାନେ ଝୁଲଣରେ ଝୁଲି ପରମ୍ପରାକୁ ବଜାୟ ରଖିଥିଲେ ।ଅପରାହ୍ନରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ମୁରୁଜ, ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ କମିଟି ପକ୍ଷରୁ ରମେଶ ଚନ୍ଦ୍ର ଦାସ, ଗୋଲକ ପଣ୍ଡା, ଜ୍ଞାନେନ୍ଦ୍ର ଦାସ,ସୋମାନୀ ଦାସ, ଅପୂର୍ବ ରଞ୍ଜନ ଦାସ, , ପ୍ରତୀକ୍ଷା ଦାସ, ସ୍ମିତିକ୍ଷା ଦାସ, ମନୋରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ :(ହି.ସ.) - ଭଣ୍ଡାରିପୋଖରୀ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ତାର ରୋପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶାରଦା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛ । ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ କୁ ଶାରଦା ବିଦ୍ୟାମନ୍ଦିର ପରିଚାଳନା କମିଟି ର ସଭାପତି ଚକ୍ରଧର ପ୍ରଧାନ ଉଦ୍ଘାଟନ କରିଥିଲେ । ଶାରଦା ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତରେ ଏହି ବୈଠକ ରେ ପରିଚାଳନା କମିଟି ର ସଭ୍ୟ ତାରାକାନ୍ତ ରାଉତ, ଅନ୍ୟତମ ସଭ୍ୟ ତଥା ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ସେନାପତି, ଶିଶୁ ସାହିତ୍ୟିକ ପବନ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ନାଥ,କୁମାର ନାୟକ ବରିଷ୍ଠ ଗୁରୁଜୀ ନିତ୍ୟାନନ୍ଦ ସେନାପତି,କେଶବ ଚନ୍ଦ୍ର ସେଠୀ,ପ୍ରକାଶ ସାହୁ, ଗଙ୍ଗାଧର ପଳତା, ଅଜୟ ରାଉତ ଅତିଥି ରୂପେ ଯୋଗ ଦେଇଥିଲେ । ୨୦୧୩ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ମାଟ୍ରିକ ରେ ଉତୀର୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲମୁନି କମିଟି ରୋପ୍ୟ ଜୟନ୍ତୀ ପାଳନ କରିବାର ଦାୟିତ୍ୱ ନେବ ବୋଲି ବୈଠକ ରେ ସ୍ଥିରୀକୃତ ହୋଇଛ । ସୂଚନଯୋଗ୍ୟ ୨୦୦୨ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟ ଆସନ୍ତା ୨୦୨୭ ମସିହାରେ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି । ଆସନ୍ତା ୨୦୨୭ ମସିହା ଅପ୍ରେଲ ମାସ ରେ ତିନିଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ସ୍ଥିରିକୃତ ହୋଇଛି । ପୂର୍ବତନ ଛାତ୍ର ସୌମ୍ୟରଂଜନ ଦାସ, ରାମଚନ୍ଦ୍ର ନାୟକ, ଶ୍ରୀନାଥ ଶୀତିକଣ୍ଠ, ଜୟକୃଷ୍ଣ ଦାସ, ରାଜେଶ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଏହି ବୈଠକରେ ଯୋଗଦେଇ ରୌପ୍ୟ ଜୟନ୍ତୀକୁ ସଫଳ କରିବେବୋଲି ପ୍ରତିଜ୍ଞା କରିଥିଲେ । ଅସୀମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ଅର୍ପିତା ନାୟକ ଓ ବନ୍ୟା ପଣ୍ଡା ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ୩ ଗୁରୁତର

ଚମ୍ପୁଆ, ୧୪ ଜୁନ୍ (ହି.ସ.)- ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଛକ ନିକଟରେ ଆଜି ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି । ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ଉଚ୍ଚବାଲି ପଟୁ ଏକ ହିରୋ ସ୍ପ୍ଲେଣ୍ଡର ବାଇକ୍ ଯୋଗେ ଜଣେ ବ୍ୟକ୍ତି ଭଣ୍ଡା ଅଭିମୁଖେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଅର୍ଥାତ୍ ଭଣ୍ଡା ମେଡିକାଲ ପଟୁ ଦ୍ରୁତଗତିରେ ଯାଉଥିବା ଆଉ ଏକ ହିରୋ ଏକ୍ସଟ୍ରିମ ବାଇକ୍ ସହ ଏହାର ସାମ୍ନାସାମନି ଧକ୍କା ହୋଇଥିଲା । ଏକ୍ସଟ୍ରିମ ବାଇକରେ ତିନି ଜଣ ବ୍ୟକ୍ତି ସବାର ଥିଲେ । ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ବାଇକ୍ ସହ ସମସ୍ତ ଆରୋହୀ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ । ଫଳରେ ସ୍ପ୍ଲେଣ୍ଡର ଚାଳକ ଏବଂ ଏକ୍ସଟ୍ରିମ ଗାଡ଼ିର ଦୁଇ ଜଣ ବ୍ୟକ୍ତି ଗୁରୁତର ଭାବେ ଜଖମ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ କରି ସମସ୍ତ ଆହତଙ୍କୁ ଭଣ୍ଡା ଡାକ୍ତରଖାନାରେ ଭର୍ତି କରିଛନ୍ତି ।

# ଶିଶୁ ସ୍ୱାସ୍ଥ୍ୟ ମେଳା ଏବଂ ରଜ ଉତ୍ସବ

ବଲାଙ୍ଗୀର : ୱାଇସିଡିଏ ଦ୍ୱାରା ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ବ୍ଲକର ଆଟଗାଁ ଗ୍ରାମରେ ଶିଶୁ ସ୍ୱାସ୍ଥ୍ୟ ମେଳା ଏବଂ ରଜ ଉତ୍ସବ, କେ.ପି.ଜେଡ୍ ଏବଂ ଦେଶାଇ ଫାଉଣ୍ଡେସନ ଟ୍ରଷ୍ଟଙ୍କର ମିଳିତ ସହାୟତାରେ ଆୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ୱାଇସିଡିଏର ଜିଲ୍ଲା ସଂଯୋଜିକା ଆନନ୍ଦିନି ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଟଗାଁ ପଂଚାୟତର ସରପଂଚ ସାଲିନି ସେଠ୍, ଡ. ମିଲନ କୁମାର ରାଉତରାୟ ଏବଂ ସାମ୍ବାଦିକ ସନ୍ଦୀପ କୁଅଁର ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯେ ଶିଶୁମାନଙ୍କ ପାଇଁ ଗୋଟିଏ ଉତ୍ସବ ଜନିତ ପରିବେଶ କରି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଶିଶୁମାନଙ୍କ ମନରେ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ଗୁରୁତ୍ୱକୁ ବୁଝିବାର ଥିଲା । କାର୍ଯ୍ୟକ୍ରମରେ ଡା. ମିଲନ କୁମାର ରାଉତରାୟ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ଶିଶୁଙ୍କର ଏନିଂଆ ଟେଷ୍ଟିଂ କରାଯାଇଥିଲା । ଏହାସହିତ ଏମ୍ଏଚ୍ଏମ୍ ଉପରେ ମଧ୍ୟ ସଚେତନ କରାଗଲା । ରଜ ଉପଲକ୍ଷେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଥିରେ ଶିଶୁମାନେ ମେହେନ୍ଦି, ଅଳତା, ନୃତ୍ୟ, ରେମ୍ପ ୱାକ୍, ପୁଚି ଖେଳ, ମ୍ୟୁଜିକ ଚେୟାର, ପ୍ରତିଯୋଗିତା କରାଯାଇଥିଲା । ଏହାସହିତ ରଜ କୁଇଜ ବଛାଯାଇଥିଲା । କାର୍ଯ୍ୟକ୍ରମଟି ଆଟଗାଁ ସରପଂଚ ଏବଂ ଗ୍ରାମବାସୀ, ଆଟଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ସମସ୍ତ ଶିଶୁ ଏବଂ ଯୁବକ ଯୁବତୀ, ଅଭିଭାବକ ଏବଂ ୱାଇସିଡିଏର ସମସ୍ତ ଷ୍ଟାଫ୍‌ଙ୍କ ମିଳିତ ଉଦ୍ୟମରେ ସଫଳ ମଣ୍ଡିତ ହୋଇଛି । ୱାଇସିଡିଏ ସଂସ୍ଥାର ସର୍ବଦା ଶିଶୁଙ୍କ ଉନ୍ନତି ପାଇଁ ଏପରି ନୂତନ ପ୍ରଚେଷ୍ଟା ପାଇଁ ସମଗ୍ର ପୁଇଁନ୍ତଲା ଅଂଚଳରେ ପ୍ରଶଂସାର ପାତ୍ର ହୋଇଛି ।

# ଦ୍ୱିତୀୟ ଦିବସରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

ଖୋର୍ଦ୍ଧା : (ହି.ସ.) – ଜିଲ୍ଲା ସଦର ମହକୁମା ଜୟୀ ରାଜଗୁରୁ ଟାଉନ୍ ହଲ୍ ଓ ସଦର ତହସିଲ ପରିସରରେ ଆରମ୍ଭ ହୋଇଥିବା ତିନିଦିନିଆ ବିକାଶର ଧାରା ଓଡ଼ିଶା ସାରା, ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ମିଳନୀ ଶନିବାର ଦ୍ୱିତୀୟ ଦିବସରେ ଟାଉନ୍ ହଲଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜୈବିକ କୃଷି ର ମୂଳ ଧାରଣ ଓ ଗୁରୁତ୍ୱ, ମୃର୍ତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକ ବ୍ୟବହାର, ପ୍ରାକୃତିକ ଚାଷ ପ୍ରଣାଳୀ, ଜୈବିକ ପ୍ରମାଣୀକରଣ ଓ ବଜାର ସୁଯୋଗ ଏବଂ ସଫଳ ଚାଷୀଙ୍କ ଅନୁଭୂତି ବିନିମୟକୁ ନେଇ ଅନୁଷ୍ଠିତ ହୋଇଯାଇଅଛି । ଦିବସର କର୍ମଶାଳାରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ,, ସଦାଶିବ ମହାପାତ୍ର, ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ, ଶ୍ରୁତି ନନ୍ଦ, କୃଷି ଜିଲ୍ଲା ଅଧିକାରୀ ସୁବ୍ରତ ରଥ, ସହକାରୀ ନିବନ୍ଧକ, ସମବାୟ ସମିତି,ବି ମହାରଣା, ବ୍ଲକ୍ ପଶୁ ଚିକିତ୍ସା ଅଧିକାରୀ, ଡାକ୍ତର ପ୍ରଜ୍ଞା ହରିଚନ୍ଦନ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ କୁ ଆଗେଇ ନେଇ ଖୋର୍ଦ୍ଧା ଜିଲ୍ଲାକୁ ସମଗ୍ର ରାଜ୍ୟରେ ଏକ ନମ୍ବର କରିବା ସହ ବିକଶିତ ଓଡ଼ିଶା ଗଠନ ୨୦୩୬କୁ ସାକାର କରିବା ପାଇଁ ଅତିଥିମାନେ ଚାଷୀ କୃଷକମାନଙ୍କୁ ଆଧୁନିକ ଯନ୍ତ୍ରପାତି ବ୍ୟବହାର ସହ ଜୈବ ବିବିଧତା ପଦ୍ଧତିରେ ଚାଷ କାର୍ଯ୍ୟ କରି ମାଟି ମା'ର ସୁରକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିଥିମାନେ କହିଥିଲେ ମାଟି ମା'ର ସୁରକ୍ଷା ହେଲେ କୃଷି ବଂଚିବ । ସେହିପରି କୃଷିଜାତ ଦ୍ରବ୍ୟ ସାମଗ୍ରୀର ବଜାର ବିପଣନ ଦିଗରେ ଓମ୍ଫେଡ, ନାଫେଡର ସହଭାଗିତା ଏବଂ ସମବାୟ ବିଭାଗ କମନ୍ ସର୍ଭିସ୍ କେନ୍ଦ୍ରର ସୁବିଧା ନେବାକୁ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନତା କରାଯାଇଥିଲା । ଉଦ୍ୟାନ କୃଷିର ସଫଳତା ବିଭିନ୍ନ ଚାଷ ଫୁଲ ଚାଷ, ପନିପରିବା ଚାଷ, ଛତୁ ଚାଷ, ଅମୃତ ଭଣ୍ଡା, କଦଳୀ ଚାଷ, ଜିଆଖତ ଟାଙ୍କି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବସିଡ ଓ ଏହାର ଫାଇଦା ନେବା ଦିଗରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ ତଥ୍ୟ ପ୍ରଦାନ କରିଥିଲେ । ସବୁଜ ସାର ଏବଂ ଜୈବିକ ସାର ଉପଯୋଗ କ୍ଷେତ୍ରରେ କୃଷି ଜିଲ୍ଲା ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଲ୍ଲେଖନୀୟ ଅବଦାନ ପାଇଁ ମୃତିକା ସଂରକ୍ଷଣ ରେ ରବି ନାରାୟଣ ଜେନା, ଉଦ୍ୟାନ କୃଷିରେ ସୁନୀତା ବେହେରା, ବିରଂଚି ନାରାୟଣ ସାହୁ, କୃଷିରେ ସୁବ୍ରତ ପଟ୍ଟନାୟକ, ସଂଗ୍ରାମ କୁମାର ପଲାଇ, ନିରଞ୍ଜନ ମହାନ୍ତି, ଅଲେଖ ପରିଡ଼ା, ରାଜ୍କିଶୋର ମୁଖି, ସୋନାଲିଶା ଦାଶଙ୍କୁ ସାର୍ଟିଫିକେଟ ଓ ଉତରୀୟ ପୂର୍ବକ ସମ୍ମାନିତ କରାଯାଇଥିଲା । ବିଶ୍ୱନାଥ ସାହୁ, କବିରାଜ ସାମନ୍ତ ସିଂହାର, ଜିତେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ପ୍ରଧାନ, ଶ୍ରୀନିବାସ ପ୍ରଧାନଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା । ଶେଷରେ ସହକାରୀ ନିର୍ଦ୍ଦେଶକ, କୃଷି, ବ୍ରଜ କିଶୋର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ମଂଚ ପରିଚାଳନା କୃଷି ବୈଷୟିକ ପରିଚାଳିକା ଚିନ୍ମୟୀ ତ୍ରିପାଠୀ ସମ୍ପାଦନ କରିଥିଲେ । ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ବ୍ଲକ୍ କୃଷି ଅଧିକାରୀ, କୃଷି କର୍ମଚାରୀ, ଜନ ପ୍ରତିନିଧି, ଚାଷୀ ଓ କୃଷକ ସମେତ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

# ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର : (ହି.ସ.)- ସେକ୍ଟର୍ ମୁଖ୍ୟାଳୟ ବିଏସଏଫ କୋରାପୁଟ ଅନ୍ତର୍ଜାତୀୟ ରକ୍ତଦାତା ଦିବସ ଅବସରରେ ଆଜି ୧୮୦ ବାଟାଲିୟନ, ସୀମା ସୁରକ୍ଷା ବାହିନୀର ମିଳିତ ତତ୍ୱାବଧାନରେ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ ସହଯୋଗରେ କୋରାପୁଟର ସେକ୍ଟର ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ୧୮୦ ବାଟାଲିୟନ ବିଏସଏଫ ର କମାଣ୍ଡାଂଟ ଶ୍ରୀ ନାଓରେମ ଗୋପୀନାଥ ସିଂହଙ୍କ ଦ୍ୱାରା ରକ୍ତଦାନ ଶିବିରର ଉଦଘାଟନ କରା ଯାଇଥିଲା । ଏହି ଅବସରରେ, ଡକ୍ଟର ଏମ. ଏସ. ବଳିଆରସିଂ ଙ୍କ ନେତୃତ୍ୱରେ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟର ଡାକ୍ତରୀ ଦଳ ସଫଳତାର ସହିତ ରକ୍ତଦାନ ଶିବିର ପରିଚାଳନା କରିଥିଲେ । ସୀମା ସୁରକ୍ଷା ବାହିନୀର ଅଧିକାରୀ, ଅଧସ୍ତନ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ । ମୋଟ ୯୨ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ । ସୀମା ସୁରକ୍ଷା ବାହିନୀ ହୀରକ ଜୟନ୍ତୀ ପାଳନ (୧୯୬୫-୨୦୨୫) ଅନ୍ତର୍ଗତ ଆୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକଳାପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ରକ୍ତଦାନ ଶିବିର । ଏହି ଅବସରରେ, ସୀମା ସୁରକ୍ଷା ବାହିନୀର ଅଧିକାରୀ, ପରିବାର ସଦସ୍ୟ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ, ମାନବିକ ସେବା ଏବଂ ସାମାଜିକ ଦାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ । ଶିବିରରେ, ମୋଟ୍ ୯୨ ଜଣ କର୍ମଚାରୀ ଏବଂ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ୯୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ମାନବ ସେବା ଏବଂ ସାମାଜିକ ଦାୟିତ୍ୱର ଏକ ଅନୁକରଣୀୟ ମଡେଲ ଉପସ୍ଥାପନ କରିଥିଲା । କାର୍ଯ୍ୟକ୍ରମ ସମୟରେ, ଅଧିକାରୀମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତଙ୍କୁ ନିୟମିତ ଭାବରେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ । ଶିବିରଟି ସଫଳତାର ସହିତ ସମାପ୍ତ ହୋଇଥିଲା । ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ ସମସ୍ତ ରକ୍ତଦାତା ଏବଂ ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ରକ୍ତଦାତା ଦିବସ ଓ ରକ୍ତଦାନ ଶିବିର

ସୁବର୍ଣ୍ଣପୁର : (ହି.ସ.) – ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ର ପକ୍ଷରୁ ବିଶ୍ୱ ରକ୍ତ ଦାତା ଦିବସ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ଯୋଗଦେଇ ଏହି ଶିବିରକୁ ଶୁଭ ଉଦ୍ଘାଟନ କରିବା ସହିତ ଆୟୋଜିତ ଏକ ସଚେତନତା ସଭାରେ ଯୋଗ ଦେଇ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକ, ମୋଟିଭେଟର ଓ ଏ କ୍ଷେତ୍ରରେ ସହଯୋଗ କରି ଆସିଥିବା ବିଭିନ୍ନ ବ୍ୟକ୍ତି ବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମେଡିକାଲ୍ ଇନ୍‌ଚାର୍ଜ ଅଧିକ୍ଷକ ଡ଼ାକ୍ତର ଦେବୀ ପ୍ରାସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ମାନସ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ସିଡିଏମ୍‌ପିଏଚଓ ଡାକ୍ତର ଉଷାରାଣୀ ଦାଶ, ବୀର ମହାରାଜ ପୁର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଜନାର୍ଦ୍ଦନ ଖମାରୀ ଯୋଗଦେଇ ରକ୍ତଦାତା ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ସମସ୍ତ ସ୍ୱେଚ୍ଛାସେବୀଙ୍କ ସହଯୋଗ ପାଇଁ ଉଲ୍ଲେଖନୀୟ ଭୂମିକା ପାଇଁ କୃତଜ୍ଞ ଓ ଏହାଦ୍ୱାରା ବହୁ ମୂଲ୍ୟ ଜୀବନ ବଂଚି ପାରୁଛି ବୋଲି କହିଥିଲେ । ଆଗାମୀ ଦିନରେ ଏଭଳି ସହଯୋଗ ଜାରି ରଖିବାକୁ ନୂଆଁ ରକ୍ତଦାତାଙ୍କୁ ସଚେତନ କରିବାକୁ ରକ୍ତଦାତା, ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିବେଦନ କରିଥିଲେ । ୟୁଥ୍ ରେଡ଼କ୍ରସ ଜିଲ୍ଲା କୋଅର୍ଡ଼ିନେଟର ଅଧାପକ ଶ୍ରୀ ଉମାକାନ୍ତ ନାଗ, ସୋନପୁର ଏନ୍‌ସିସି କ୍ୟାପଟେନ୍ ଆଶିଷ ଅଗ୍ରୱାଲ ବହୁମୂଲ୍ୟ ବାର୍ତ୍ତା ପ୍ରଦାନ କରି ପ୍ରେରଣା ଯୋଗାଇ ଥିଲେ । ଆଜି ଏହି ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ସଚେତନତା ଓ ସମ୍ବର୍ଦ୍ଧନା ସଭାକୁ ସ୍ୱେଚ୍ଛାସେବୀ ମନୋରଞ୍ଜନ ତ୍ରିପାଠୀ ପରିଚାଳନା କରିଥିବାବେଳେ ରକ୍ତକେନ୍ଦ୍ରର ଜଗତ ଦରୱାନ ସହଯୋଗ କରିଥିଲେ । ଡାକ୍ତର ମାନସ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ତଦାତା ଏଡିଏମ୍ ଅଞ୍ଜଳିନା ପଧାନ, ସଂଗୀତା ନାଏକ, ଜୁନିଅର୍ ରେଡ଼କ୍ରସ, ୟୁଥ୍ ରେଡ଼କ୍ରସ୍, ଦୁର୍ଗାପୂଜା କମିଟି, ରାମଧୂନ୍ କ୍ଲବ୍, ସ୍ୱଚ୍ଛ ଭାରତ ସଙ୍ଗଠନ, ବୁଢ଼ା ରଜା ୟୁଥ୍ ଆସୋସିଏସନ୍, ଟିକ୍ରିପଡ଼ା ଦୁର୍ଗା ପୂଜା କମିଟି, ସୋନପୁର କଲେଜ୍ ଏନ୍‌ସିସି, ଖଣ୍ଡହତା ସିଆ ଅନୁଷ୍ଠାନ, ଲିଟିଲ୍ ଫ୍ଲାୱାର୍ ପବ୍ଲିକ ସ୍କୁଲ୍, ଲଛିପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ କ୍ଷେତ୍ରରେ ସହଯୋଗ ପାଇଁ ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି ।

## ଶିକ୍ଷକ ନେତାଙ୍କ ପରଲୋକ

ଭଦ୍ରକ : (ହି.ସ.) - ଭଣ୍ଡାରିପୋଖରୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଇଧର ସ୍ୱାଇଁଙ୍କର ୮୪ ବର୍ଷ ବୟସରେ ପହିଲି ରଜ ସକାଳେ ପରଲୋକ ହୋଇଯାଇଛି ।ସକାଳ ପ୍ରାୟ ୬ଟା ବେଳେ ସ୍ୱର୍ଗତ ସ୍ୱାଇଁ ରାଜେନ୍ଦ୍ରପୁର ସ୍ଥିତ ନିଜ ବାସଭବନରେ ଅସୁସ୍ଥ ହୋଇ ପଡ଼ିଯାଇଥିଲେ ।ତାଙ୍କୁ ତୁରନ୍ତ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ତାଙ୍କ ମୃତ୍ୟୁ ଖବର ପାଇ ଅନେକ ଶିକ୍ଷକ, ବିଭିନ୍ନ ସଙ୍ଗଠନର କାର୍ଯକର୍ତା, ରାଜନୈତିକ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ତାଙ୍କ ବିୟୋଗରେ ଶିକ୍ଷକ ମହଲରେ ଓ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଛି ଏକ ଶୋଭାଯାତ୍ରାରେ ମରଦେହ ପରିକ୍ରମା କରାଯାଇ ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ସାରସତ୍ୱ ବାଲ ମନ୍ଦିରରେ ଶିକ୍ଷା ଓ ଶିକ୍ଷକ କର୍ମଶାଳା

ଜୟପୁର : (ହି.ସ.)ଜୟପୁର ଜୟନଗର ସ୍ଥିତ ପାଇକ ସାହି ସାରସ୍ୱତ ବାଲ ମନ୍ଦିରରେ ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତିକ କର୍ମଶାଳା,'ଶିକ୍ଷା ଓ ଶିକ୍ଷକ କର୍ମଶାଳା' ଶିକ୍ଷୟିତ୍ରୀମାନଙ୍କୁ ନେଇ ପାଳିତ ହେଲା । ଅନୁଷ୍ଠାନର ଅଧ୍ୟକ୍ଷା, ଶିକ୍ଷୟିତ୍ରୀଗଣ, ପରିଚାଳନା କମିଟିର ପୂର୍ଣ୍ଣ ସହଯୋଗରେ ଏହି ୧୦ ଦିନିଆ କର୍ମଶାଳା ହୋଇପାରି ଥିଲା । ଗତ ୫ ଜୁନରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଆଜି ୧୪ ଜୁନରେ ଶେଷ ହେଲା । ପ୍ରଥମ ଦିନ ମନସ୍ତତ୍ୱବିତ ଏନ ସୁଧାକର, ଦ୍ୱିତୀୟ ଦିନରେ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଏବଂ ନିରଞ୍ଜନ ପାଣିଗ୍ରାହୀ ଲିଖନ ଓ ପଠନ ମନେ ରଖିବା ବିଷୟରେ ଶିକ୍ଷୟିତ୍ରୀମାନଙ୍କୁ କୌଶଳ ପ୍ରଦାନ କରିଥିଲେ । ତୃତୀୟ ଦିନରେ କଳା ପ୍ରଶିକ୍ଷକ ନୃସିଂହ ଷଡ଼ଙ୍ଗୀ ଏବଂ ପଦ୍ମଚରଣ ଚୌଧୁରୀ ବିଭିନ୍ନ ଚିତ୍ର, କାଗଜରେ ମୂର୍ତ୍ତି, ଏବଂ ହସ୍ତ କାରିଗରୀ ଓ କଳା କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଜୀବନଶୈଳୀରେ ଚିତ୍ର, ଚାରୁକଳାର ଆବଶ୍ୟକତା ଉପରେ ଆଲୋକପାତ ମଧ୍ୟ କରିଥିଲେ । ସଂଗୀତ ଶିକ୍ଷାରେ ସାହାଯ୍ୟ କରିଥିଲେ ମନୋରଞ୍ଜନ ଦାଶ । ସେ 'ଗୀତହିଁ ପିଲାଙ୍କ ପ୍ରକୃତ ଆହାର' ବିଷୟବସ୍ତୁକୁ ଉପସ୍ଥାପନ କରିଥିଲେ । ପାଠଶାଳାରେ ବ୍ୟାକରଣ, ପରେ ପଂଚାନନ ମିଶ୍ରଙ୍କ ଦ୍ୱାରା 'ଶିକ୍ଷାଦାନରେ ଚିତ୍ରାଙ୍କନ' ଏବଂ ରାଧାମୋହନ ପଣ୍ଡାଙ୍କ ଦ୍ୱାରା 'ହିନ୍ଦୀ ଜୀବନ କି ଧାରାହେ', ଏମ୍. ଡ଼ି. ସାରିଫଙ୍କ ଦ୍ୱାରା 'ଜ୍ଞାନ ହି ବିଜ୍ଞାନ ହେ', ଉଦୟ ଶଙ୍କର ଯାନୀଙ୍କ ଦ୍ୱାରା 'ପିଲାଙ୍କ ମନସ୍ତତ୍ତ୍ୱ', ଦିଲୀପ ପଣ୍ଡାଙ୍କ ଦ୍ୱାରା 'ସାହିତ୍ୟରେ ବିଜ୍ଞାନ' ଓ 'ଜାତୀୟ ଶିକ୍ଷାନୀତି', ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ିଙ୍କ ଦ୍ୱାରା 'ଶୁଦ୍ଧି ଅଶୁଦ୍ଧି', ଅମର ମିଶ୍ରଙ୍କ ଦ୍ୱାରା 'ଶିକ୍ଷାରେ ଅଭିନୟ' ଏବଂ ଶେଷରେ ନିରଞ୍ଜନ ପାଣିଗ୍ରାହୀ ଙ୍କ ଦ୍ୱାରା ନାଟକ. 'ଏଫୋର୍ଟ ନେଭେର ଡାଇସ' ପରିଚାଳନା କରାଯାଇଥିଲା । ଏହି କର୍ମଶାଳାଟିକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଅଧ୍ୟକ୍ଷା ରିତାଲି ସାହୁ ପୂର୍ବତନ ବରିଷ୍ଠ ଉଦଘୋଷକ ତଥା ନାଟ୍ୟକାର ଉଦୟ ଶଙ୍କର ଯାନୀ ବିଦ୍ୟାଳୟର ସଭାପତି ଅନୁପ କୁମାର ସାମନ୍ତରାୟ ଉଜଉଉ ବିଜୟ ଲକ୍ଷ୍ମୀ ସ୍ୱାଇଁ ବାର୍ଷିକ କର୍ମଶାଳାଟିକୁ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମରେ ନିଶାରାଣୀ ସାହୁ, ମୈତ୍ରୀ ପ୍ରହରାଜ, ଲୋପାମୁଦ୍ରା ପଟ୍ଟନାୟକ, ରତିକଳା ପାଣ୍ଡି, ବୈଜୟନ୍ତୀ ସ୍ୱାଇଁ, ସ୍ମିତା ରଥ, ଟିକିନା ତ୍ରିପାଠୀ, ତନୁଶ୍ରୀୟା ରାଉତ, ମାମୁନି ସ୍ୱାଇଁ, ସ୍ୱର୍ଣ୍ଣଲତା ମଲ୍ଲିକ, ରୀନା ଗୌଡ଼ ଏବଂ ଅଭିଭାବକଙ୍କ ଉପସ୍ଥିତିରେ ଚଳଚଂଚଳ ହୋଇଥିଲା କାର୍ଯ୍ୟକ୍ରମ । ଏଭଳି ଏକ ପ୍ରାଥମିକ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମଟି ପିଲା ଏବଂ ଶିକ୍ଷୟତ୍ରୀଙ୍କ ପାଠ ପଢାକୁ ସୁନ୍ଦର ସରସ କରିପାରିବ । ଅନୁଷ୍ଠାନର ସାଧନା, ନିଷ୍ଠା ଓ କର୍ତବ୍ୟନିଷ୍ଠତା ପ୍ରତିଫଳିତ ହେଉଥିଲା । ଏହି କାର୍ଯ୍ୟକ୍ରମରେ କିଛି ପିତା ମାତା ଏବଂ ଅଭିଭାବକ ଯୋଗଦାନ କରି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମଟି ସଭାପତି ଅନୁପ କୁମାର ସାମନ୍ତରାୟଙ୍କ ଦେଖା ରେଖାରେ ହୋଇପାରିଥିଲା । ବିଦ୍ୟାଳୟର ଅଧକ୍ଷା ରିତାଲି ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷୟତ୍ରୀମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିଲା ।

# ସୁସ୍ଥ ଭାରତ, ସଶକ୍ତ ଭାରତ : ସ୍ୱାସ୍ଥ୍ୟସେବା ବିକାଶର ୧୨ ବର୍ଷର ଯାତ୍ରା

ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଶର ଅର୍ଥନୈତିକ ଉତ୍ପାଦକତା ବୃଦ୍ଧି କରିବା ସହ କାର୍ଯ୍ୟକ୍ଷମ ମାନବ ସମ୍ବଳର ଅଂଶଗ୍ରହଣ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧିକୁ ସୁନିଶ୍ଚିତ କରିଥାଏ । ତେଣୁ, ଉତମ ସ୍ୱାସ୍ଥ୍ୟ କେବଳ ଏକ ସାମାଜିକ କଲ୍ୟାଣ ନୁହେଁ, ବରଂ ଏକ ଜାତୀୟ ସମ୍ପତି ଅଟେ; ଯାହା ଉପରେ ମାନବୀୟ ସମ୍ଭାବନାର ଭିତିଭୂମି ଗଢ଼ିଉଠେ ଏବଂ ଜାତୀୟ ଶକ୍ତିର ଆକଳନ କରାଯାଏ । ପ୍ରକୃତରେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ କରାଯାଉଥିବା ପ୍ରତ୍ୟେକ ଟଙ୍କା ହେଉଛି ଦେଶର ଜନସାଧାରଣଙ୍କ ଉନ୍ନତି ତଥା ଦେଶର ପ୍ରଗତି ପାଇଁ ଏକ ଶ୍ରେଷ୍ଠ ପୁଞ୍ଜିନିବେଶ । ତେଣୁ, ସାର୍ବଜନୀନ ସ୍ୱାସ୍ଥ୍ୟ ସେବା-ଯାହା ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସମସ୍ତ ଲୋକଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ, ସଠିକ୍ ସମୟରେ ଓ ସଠିକ୍ ସ୍ଥାନରେ, ବିନା କୌଣସି ଆର୍ଥିକ ଅନାଟନରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସୁନିଶ୍ଚିତ କରେ - ତାହା କେବଳ ୨୦୩୦ ସୁଦ୍ଧା ହାସଲ କରାଯିବାକୁ ଥିବା ଏକ 'ସ୍ଥାୟୀ ବିକାଶ ଲକ୍ଷ୍ୟ' ନୁହେଁ, ବରଂ ଏକ ପ୍ରାଥମିକ ସ୍ୱାସ୍ଥ୍ୟ ଆବଶ୍ୟକତା ମଧ୍ୟ ଅଟେ । ଭାରତର ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ (ଏନ.ଏଚ.ପି. ୨୦୧୭) ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ୍ (ୟୁ.ଏଚ.ସି.) ଏବଂ ଏସ.ଡି.ଜି. ୩ ହାସଲ କରାଯିବାକୁ ଥିବାର ଲକ୍ଷ୍ୟ ସହିତ ସଂଯୁକ୍ତ ଏବଂ ଏହା ଏକ ସରଳ ଅଥଚ ଶକ୍ତିଶାଳୀ ବିଶ୍ୱାସ ଦ୍ୱାରା ପରିଚାଳିତ - ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଂଚିବା ଉଚିତ । ଏହାର ଚାରୋଟି ସ୍ତମ୍ଭ - ସୁଲଭତା, ସୁଗମତା, ଗୁଣବତା ଏବଂ ଉପଲବ୍ଧତା ସେହି ବିଶ୍ୱାସକୁ କାର୍ଯ୍ୟରେ ପରିଣତ କରେ । ଜୀବନର ସମସ୍ତ ପର୍ଯ୍ୟାୟରେ ଯତ୍ନର ଏକ ବ୍ୟାପକ ନିରନ୍ତରତାକୁ ମଧ୍ୟ ସଂଯୋଜିତ କରେ । ଏହିସବୁ ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷାପୂର୍ବକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ରାଜ୍ୟଗୁଡ଼ିକୁ ଦୁର୍ବଳ ଜନସଂଖ୍ୟା ସମେତ ଗ୍ରାମୀଣ ଏବଂ ସହରାଂଚଳରେ ଦ୍ୱିପାକ୍ଷିକ ରେଫରାଲ୍ ଲିଙ୍କେଜ୍ ସହିତ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ସମନ୍ୱିତ ତ୍ରି-ସ୍ତରୀୟ ମଡେଲ୍ ପ୍ରଦାନ କରିବାକୁ ସମର୍ଥନ ଯୋଗାଏ । ପ୍ରାଥମିକ ସ୍ତରରେ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଏ.ଏ.ଏମ.) ବ୍ୟାପକ ପ୍ରତିରୋଧକ, ପ୍ରୋତ୍ସାହନମୂଳକ, ଚିକିତ୍ସାମୂଳକ, ପୁନର୍ବାସଧର୍ମୀ ଏବଂ ଉପଶମକାରୀ ଯତ୍ନ ସ୍ୱାସ୍ଥ୍ୟ ସେବା ସେବା ପ୍ରଦାନ କରେ । 'ଇ-ସଞ୍ଜିବନୀ' ଟେଲିମେଡିସିନ୍ ପ୍ଲାଟଫର୍ମ ଏହି ଏ.ଏ.ଏମ. ମାଧ୍ୟମରେ ସମ୍ପ୍ରଦାୟକୁ ବିଶେଷଜ୍ଞଙ୍କ ସହିତ ସଂଯୋଗ କରୁଥିବା ବିଶେଷଜ୍ଞଙ୍କ ସହିତ ପରାମର୍ଶ ଉପଲବ୍ଧତାକୁ ସୁନିଶ୍ଚିତ କରେ । ଏଥି ସହିତ, ଏକ ସ୍ୱତନ୍ତ୍ର ଟେଲି-ମାନସ୍ ପ୍ଲାଟଫର୍ମ, ଯାହା ଆଜି ପର୍ଯ୍ୟନ୍ତ ୩୮.୯୩ ଲକ୍ଷ ଲୋକଙ୍କ ସହିତ ଯୋଗାଯୋଗରେ ପହଂଚିଛି । ଏ.ଏ.ଏମ.ଠାରୁ ସଂଯୋଗ ହେଉଛି ସମ୍ପ୍ରଦାୟ ସ୍ୱାସ୍ଥ୍ୟ କେନ୍ଦ୍ର (ସି.ଏଚ.ସି./ପ୍ରଥମ ରେଫରାଲ୍ ୟୁନିଟ୍ (ଏଫ.ଆର.ୟୁ.) ଏବଂ ଜିଲ୍ଲା ହସ୍ପିଟାଲ (ଡି.ଏଚ.)ରେ ଦ୍ୱିତୀୟ ପର୍ଯ୍ୟାୟର ସୁବିଧା ଯାହା ବ୍ୟକ୍ତିଗତ ବିଶେଷଜ୍ଞ ଏବଂ ହସ୍ପିଟାଲିଲାଇଜେସନ୍ ସେବା ପ୍ରଦାନ କରିବା ପାଇଁ ପ୍ରଥମ ରେଫରାଲ୍ ବିନ୍ଦୁ ଭାବରେ କାର୍ଯ୍ୟ କରେ । ଏଥିରେ ମେଡିକାଲ କଲେଜ ସମେତ ତୃତୀୟସ୍ତରୀୟ ପ୍ରତିଷ୍ଠାନଗୁଡ଼ିକ ଅଧିକ ଜଟିଳ ଏବଂ ସୁପର-ସ୍ପେଶାଲିଷ୍ଟ ସେବାର ଆବଶ୍ୟକତା ପାଇଁ ଶୀର୍ଷରେ ସେବା ପ୍ରଦାନ କରନ୍ତି । ଏହି ତ୍ରି-ସ୍ତରୀୟ ବ୍ୟବସ୍ଥା ସରକାରୀ ସ୍ୱାସ୍ଥ୍ୟ ବଜେଟରେ ବୃଦ୍ଧି ଦ୍ୱାରା ସମର୍ଥିତ, ଗତ ଏକ ଦଶନ୍ଧି ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଖର୍ଚ୍ଚରେ ୧୬୮% ବୃଦ୍ଧି ପାଇଛି, ଯାହା ସ୍ୱାସ୍ଥ୍ୟ ପ୍ରତି ସରକାରଙ୍କର ରାଷ୍ଟ୍ରୀୟ ପ୍ରାଥମିକତା ଭାବରେ ପ୍ରତିଫଳିତ ହେଉଛି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଯାତ୍ରା ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଏବଂ ପ୍ରତିକ୍ରିୟାଶୀଳରୁ ସକ୍ରିୟ ଯତ୍ନକୁ ଅତ୍ୟନ୍ତ ଆବଶ୍ୟକୀୟ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ । ୬ ରୁ ୧୨ ବ୍ୟାପକ ସ୍ୱାସ୍ଥ୍ୟ ପ୍ୟାକେଜକୁ ଏହାର ବିସ୍ତାରଣ ଭାରତର ପରିବର୍ତ୍ତିତ ଜନସଂଖ୍ୟାଗତ ଏବଂ ମହାମାରୀ ସମ୍ପର୍କିତ ପ୍ରୋଫାଇଲ୍ ପ୍ରତି ଏକ ଗଠନମୂଳକ ପ୍ରତିକ୍ରିୟା । ସଂକ୍ରାମକ ରୋଗର ମାତ୍ରା ବୃଦ୍ଧି ସହିତ ବୟସ୍କ ଜନସଂଖ୍ୟାର ଦ୍ୱୈତ ଚ୍ୟାଲେଞ୍ଜକୁ ଆମେ ମୁକାବିଲା କରୁଥିବା ସମୟରେ, ବିସ୍ତାରିତ ପରିସର ଅଣ-ସଂକ୍ରାମକ ରୋଗ (ଏନ.ସି.ଡି.), ମାନସିକ ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟଜନିତ ଯତ୍ନ, ଜରୁରୀକାଳୀନ ସେବା, ଏବଂ ଚକ୍ଷୁ, ଇ.ଏନ.ଟି., ଏବଂ ମୁଖଗହ୍ୱର ସ୍ୱାସ୍ଥ୍ୟ ସହିତ ଯୋଗ ଏବଂ ସ୍ୱାସ୍ଥ୍ୟ ପ୍ରୋତ୍ସାହନକୁ ଅନ୍ତର୍ଭୁକ୍ତ କରେ - ଯାହା ଭାରତର ବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଡିଜାଇନ୍ ହୋଇଥିବା ଏକ ବ୍ୟବସ୍ଥାକୁ ପ୍ରତିଫଳିତ କରେ । ୨୦୨୬ ମସିହା ମେ' ମାସ ସୁଦ୍ଧା, ସାରା ଦେଶରେ ୧.୮ ଲକ୍ଷରୁ ଅଧିକ ଏ.ଏ.ଏମ. କାର୍ଯ୍ୟକ୍ଷମ ହୋଇଛି ଯାହା ଜନସାଧାରଣଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରିଥାଏ ଏବଂ ଏହି ପ୍ରସାରର ପରିମାଣ ଏ.ଏ.ଏମ.ରେ ୧୨୦ କୋଟିରୁ ଅଧିକ ଓ.ପି.ଡି. ପରାମର୍ଶ, ୭୦ କୋଟିରୁ ଅଧିକ ଇ-ସଞ୍ଜିବନୀ ଟେଲିକନସଲଟେସନ୍ ଏବଂ ୪୬.୧ କୋଟିରୁ ଅଧିକ ସୁସ୍ଥତା ଅଧିବେଶନ ମାଧ୍ୟମରେ ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହେଉଛି ଏବଂ ଏହା ଉତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରୋତ୍ସାହନ କରିଥାଏ । ପ୍ରାଥମିକ ସ୍ୱାସ୍ଥ୍ୟସେବା ସ୍ତରରେ, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ସାଧାରଣ ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ ପାଇଁ ଜନସଂଖ୍ୟା- ଆଧାରିତ ସ୍କ୍ରିନିଂ ୩୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ, ଯାହା ପ୍ରାରମ୍ଭିକ ଚିହ୍ନଟକୁ ଏକ ନିୟମିତ କରିଥାଏ । ଏହି ସ୍କ୍ରିନିଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅଧୀନରେ ସେବା ପ୍ରଦାନର ଏକ ଅବିଚ୍ଛେଦ୍ୟ ଉପାଦାନ, ଏନ.ଡି.ସି. ପ୍ରତିରୋଧକୁ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ଏକୀକୃତ କରିଥାଏ । ଏନ.ଡି.ସି. ସେବାର ପ୍ରସାରଣ ପ୍ରାରମ୍ଭିକ ଚିହ୍ନଟ, ନିବାରଣ, ପରିଚାଳନା ଏବଂ ଚିକିତ୍ସା ପାଇଁ ଏକ ବହୁସ୍ତରୀୟ ପଦ୍ଧତି । ସମର୍ପିତ ଏନ.ଡି.ସି. କ୍ଲିନିକ୍, ଡେ' କେୟାର କର୍କଟ କେନ୍ଦ୍ର, ତୃତୀୟକାଳୀନ ଚିକିତ୍ସା କର୍କଟ କେନ୍ଦ୍ର ଏବଂ ରାଜ୍ୟ କର୍କଟ ପ୍ରତିଷ୍ଠାନ ଉନ୍ନତ ଅଙ୍କୋଲୋଜି ସେବାକୁ ବିକେନ୍ଦ୍ରୀକରଣ କରନ୍ତି ଏବଂ ରୋଗୀଙ୍କ ନିକଟକୁ ବିଶେଷଜ୍ଞ ଚିକିତ୍ସା ଆଣନ୍ତି । ଏହା ସହିତ, ପ୍ରତିରୋଧକ କାର୍ଯ୍ୟ କଳାପ ପାଇଁ ସମ୍ପୂର୍ଣ୍ଣ ସରକାରୀ ପଦ୍ଧତି ପ୍ରୟୋଗ କରାଯାଏ । ଏଫ.ଏସ.ଏସ.ଏ.ଆଇ. ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରେ; ଫିଟ୍ ଇଣ୍ଡିଆ ଆନ୍ଦୋଳନ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରେ; ଏବଂ ଆୟୁଷ ମନ୍ତ୍ରଣାଳୟ ଯୋଗ ଏବଂ ସୁସ୍ଥତାକୁ ଆଗକୁ ବୃଦ୍ଧି କରିଥାଏ । ନିରନ୍ତର ଜନ-ସଚେତନତା ଅଭିଯାନ ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ ଏହି ପ୍ରୟାସଗୁଡ଼ିକୁ ଆହୁରି ମଜବୁତ କରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖାଦ୍ୟ ତେଲ ବ୍ୟବହାରକୁ ୧୦% ହ୍ରାସ କରିବା ପାଇଁ ବ୍ୟକ୍ତିଗତ ଭାବରେ ନିବେଦନ ଏକ ସରଳ କିନ୍ତୁ ଶକ୍ତିଶାଳୀ ବିଶ୍ୱାସକୁ ସ୍ପଷ୍ଟ କରେ: ଯେ ଏନ.ଡି.ସି. ବିରୋଧରେ ଲଢ଼େଇ ହସ୍ପିଟାଲ ପରି ପରିବାର ସ୍ତରରୁ ମଧ୍ୟ ଆରମ୍ଭ ହେଲେ ଏଥିରେ ଆମର ସଫଳତା ହାସଲ ହୋଇପାରିବ । ପ୍ରାଥମିକ ଚିକିତ୍ସା ପ୍ରସାରକୁ ସମର୍ଥନ କରିବା ପାଇଁ, ଏ.ଏ.ଏମ.ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଏକ ନୂତନ କ୍ୟାଡର ପ୍ରଚଳନ କରାଯାଇଛି, ଯାହା କ୍ଲିନିକାଲ୍ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଦକ୍ଷତାକୁ ସମାଜର ନିକଟତର କରିଛି । ଏହି ସମ୍ପ୍ରସାରଣ ପ୍ରଥମରୁ ହିଁ ପ୍ରତିଫଳିତ ହୋଇଥିଲା, ଯେଉଁଠାରେ ଫ୍ରଂଟଲାଇନ୍ ନେଟୱାର୍କ ଆଶାଦିଦିଙ୍କ ସଂଖ୍ୟାକୁ ୧୦ ଲକ୍ଷରୁ ଅଧିକକୁ ବୃଦ୍ଧି କରିଥିଲା - ଗୋଷ୍ଠୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ମଧ୍ୟ ସେମାନଙ୍କୁ ସଂଯୋଗ କରିଥିଲା । ଏଭଳି ସମ୍ପ୍ରସାରଣ ସହିତ, ଭାରତ ସ୍ୱାସ୍ଥ୍ୟସେବାର ମାନକୁ ପରିବର୍ତ୍ତନ କରିବାର କଠିନ ଚ୍ୟାଲେଞ୍ଜକୁ ମଧ୍ୟ ଦୃଢ଼ତାର ସହିତ ଗ୍ରହଣ କରିଛି । ସ୍ୱଦେଶୀ ଭାବରେ ବିକଶିତ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରମାଣିତ ଜାତୀୟ ଗୁଣବତା ନିଶ୍ଚିତତା ମାନକ ଗୁଣବତାକୁ ଏକ ଆକାଂକ୍ଷାରୁ ଦାୟିତ୍ୱରେ ପରିଣତ କରିଛି । ଦେଶରେ ସ୍ଥାପିତ ହୋଇଥିବା ୫୪,୯୨୬ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମେତ ୬୫,୦୦୦ରୁ ଅଧିକ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ବର୍ତ୍ତମାନ ଏନ.କ୍ୟୁ.ଏ.ଏସ.-ପ୍ରମାଣିତ । ଏହା ବ୍ୟତୀତ, ଆଇ.ପି.ଏଚ.ଏଲ. ପାଇଁ ପରୀକ୍ଷାଗାର ମାନକ ବ୍ୟବସ୍ଥାର ଦୃଢ଼ତାକୁ ସନ୍ନିବେଶିତ କରେ । ଏନ.କ୍ୟୁ.ଏ.ଏସ. କାର୍ଯ୍ୟ କେବଳ ଏକ ମାନକ ନୁହେଁ, ବରଂ ଏହା ଚତୁଃପାର୍ଶ୍ୱରେ ନିର୍ମିତ ଏକ ଦୃଢ଼ ଇକୋସିଷ୍ଟମ - ମାତୃ ଏବଂ ନବଜାତକଙ୍କ ଯତ୍ନ ପାଇଁ ଲକ୍ଷ୍ୟ, ପରିଚ୍ଛନ୍ନତା ଏବଂ ସଂକ୍ରମଣ ନିୟନ୍ତ୍ରଣ ପାଇଁ କାୟାକଳ୍ପ ଏବଂ ଶିଶୁ ସ୍ୱାସ୍ଥ୍ୟ ପାଇଁ ମୁସ୍କାନ - କାର୍ଯ୍ୟକାରୀ ହେଉଥିବା ଖୁସିର ବିଷୟ । ଏକତ୍ର ସେମାନେ ଗୁଣବତା ଏକ ମାନଦଣ୍ଡ ବଦଳରେ ଏକ ମଜଭୁତ ମୂଳଦୁଆ ସୃଷ୍ଟି କରିଛନ୍ତି । ପରିଣାମ ହେଉଛି ଏକ ବ୍ୟବସ୍ଥାର ଜନ୍ମ ଯାହା କେବଳ ଅଧିକ ଲୋକଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରେ ନାହିଁ - ଏହା ସେମାନଙ୍କୁ ଉତମ ଚିକିତ୍ସା ମଧ୍ୟ ଯୋଗାଇଥାଏ । ଯଦି ପ୍ରାଥମିକ ସ୍ୱାସ୍ଥ୍ୟ ସେବା ହେଉଛି ଏହି ବ୍ୟବସ୍ଥାର ପ୍ରଥମ ପ୍ରତିଶ୍ରୁତି, ତେବେ 'ଜାତୀୟ ସିକିଲ୍ ସେଲ୍ ଆନିମିଆ ନିର୍ମୂଳନ ମିଶନ' ଏବଂ 'ପ୍ରଧାନମନ୍ତ୍ରୀ ଜାତୀୟ ଡାୟାଲିସିସ୍ କାର୍ଯ୍ୟକ୍ରମ' ଭଳି ଲକ୍ଷ୍ୟଭିତିକ ସ୍ୱାସ୍ଥ୍ୟ ପଦକ୍ଷେପ ଗୁଡ଼ିକ ସାରା ଦେଶରେ ଲୋକଙ୍କ ନିଜ ପକେଟରୁ ହେଉଥିବା ସ୍ୱାସ୍ଥ୍ୟ ଖର୍ଚ୍ଚ କୁ ହ୍ରାସ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଅଧିକ ସ୍ପଷ୍ଟ କରୁଛି; ଯାହାଫଳରେ ସେହି ପୀଡ଼ିତ ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ ପାଇବା ସହ ସେମାନଙ୍କର ସାମୂହିକ ଭାବେ ୧୦,୧୦୨ କୋଟି ଟଙ୍କାରୁ ଅଧିକ ସଂଚୟ ହୋଇପାରିଛି, ଯାହା ଅନ୍ୟଥା ସେମାନଙ୍କୁ ଏକାକୀ ବହନ କରିବାକୁ ପଡ଼ିଥାନ୍ତା । ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଲୋକଙ୍କ ହାତରେ ସମର୍ପି, ଭାରତ ଏହାର ଗୋଷ୍ଠୀ ପ୍ଲାଟଫର୍ମଗୁଡ଼ିକୁ ଅଧିକ ମଜଭୁତ କରିଛି – ଏହା ଏପରି ଏକ ସୁଚିନ୍ତିତ, ବିକେନ୍ଦ୍ରୀକୃତ ସ୍ଥାପତ୍ୟ ଯାହାର ଯୋଜନା, ତଦାରଖ ଏବଂ ଦାୟିତ୍ୱ ସ୍ଥାନୀୟ ଜନସାଧାରଣଙ୍କ ହାତରେ ନ୍ୟସ୍ତ କରାଯାଇଛି । ଗ୍ରାମ ସ୍ୱାସ୍ଥ୍ୟ, ପରିମଳ ଏବଂ ପୁଷ୍ଟିକର କମିଟି (ଭି.ଏଚ.ଏସ.ଏନ.ସି.), ଜନ ଆରୋଗ୍ୟ ସମିତି (ଜେ.ଏ.ଏସ.) ଏବଂ ରୋଗୀ କଲ୍ୟାଣ ସମିତି (ଆର.କେ.ଏସ.) ପଂଚାୟତି ରାଜ ପ୍ରତିଷ୍ଠାନ ଏବଂ ସହରାଂଚଳ ସ୍ଥାନୀୟ ସଂସ୍ଥାର ପ୍ରତିନିଧିମାନଙ୍କୁ ସ୍ୱାସ୍ଥ୍ୟରେ ସକ୍ରିୟ ଅଂଶୀଦାର କରିଛି । ସହରାଂଚଳରେ, ମହିଳା ଆରୋଗ୍ୟ ସମିତି (ଏମ.ଏ.ଏସ.) ସ୍ୱଚ୍ଛତା, ଦାୟିତ୍ୱ ଏବଂ ବିଶ୍ୱସ୍ତ ମତାମତ ଲୁପ୍ ପାଇଁ ସମ୍ପ୍ରଦାୟ ପ୍ରଚାରର କେନ୍ଦ୍ରରେ ମହିଳାମାନଙ୍କୁ ରଖି ଧ୍ୟାନକୁ ଆହୁରି ଗଭୀର କରିଥାଏ । ସ୍ୱାସ୍ଥ୍ୟ ସୁରକ୍ଷାର ବାସ୍ତବ ଅର୍ଥ ହେଉଛି ଆଜିର ବିପଦ ପରି ଆସନ୍ତାକାଲିର ବିପଦ ପାଇଁ ପ୍ରସ୍ତୁତ ରହିବା । ୬୪,୧୮୦ କୋଟି ଟଙ୍କା ବ୍ୟୟ ସହିତ ୨୦୨୧ ମସିହାରେ ଆରମ୍ଭ ହୋଇଥିବା ପି.ଏମ.-ଅଭୀମ, ସିଧାସଳଖ କୋଭିଡ -୧୯ର ଶିକ୍ଷା ଉପରେ ଆଧାରିତ - ବୃଦ୍ଧି କ୍ଷମତା ନିର୍ମାଣ, ପରୀକ୍ଷାଗାର ନେଟୱାର୍କକୁ ସୁଦୃଢ଼ କରିବା, ବାସ୍ତବ-ସମୟ ରୋଗ ନିରୀକ୍ଷଣ ବିସ୍ତାର କରିବା ଏବଂ ୱାନ୍ ହେଲଥ ଗବେଷଣା ଭିତିଭୂମି ବିକାଶ କରିବା । ଏହା ମୂଳତଃ କଠିନ ପାଠକୁ ସ୍ଥାୟୀ ସାର୍ବଜନୀନ ସ୍ୱାସ୍ଥ୍ୟ ଢାଂଚାରେ ପରିଣତ କରୁଛି । ଯେତେବେଳେ ଅସୁସ୍ଥତା ପାଇଁ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ପଡ଼ିଥାଏ, ସେତେବେଳେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ-ଜୟ ଆବାସ ଆର୍ଥିକ ସହାୟତା ପ୍ରଦାନ କରେ ଯାହା ପରିବାର ପାଇଁ ଯତ୍ନକୁ ବିପର୍ଯ୍ୟୟଜନକ ହେବାରୁ ରୋକିଥାଏ । ବିଶ୍ୱର ସର୍ବବୃହତ ସାର୍ବଜନୀନ ପାଣ୍ଠିରେ ପରିଚାଳିତ ସ୍ୱାସ୍ଥ୍ୟ ବୀମା ଯୋଜନା ଭାବରେ, ଏହା ପ୍ରତି ପରିବାର ପାଇଁ ପ୍ରତିବର୍ଷ ୫ ଲକ୍ଷ ଟଙ୍କା ଦ୍ୱିତୀୟ ଏବଂ ତୃତୀୟ ସ୍ତରୀୟ ଯତ୍ନକୁ କଭର କରେ – ୨୦୨୪ ମସିହାରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ବରିଷ୍ଠ ନାଗରିକଙ୍କୁ ଉପାର୍ଜନ ନିର୍ବିଶେଷରେ ବିସ୍ତାରିତ ଏକ ସୁରକ୍ଷା ଅଭିଯାନ । ଏହି ସମସ୍ତ ପଦକ୍ଷେପର ମୂଳ କାରଣ ହେଉଛି ଏକ ଡିଜିଟାଲ୍ ମେରୁଦଣ୍ଡ ଯାହା ବିନା ଏହି ସ୍କେଲର ଏଭଳି ଏକ ବ୍ୟବସ୍ଥା କଦାପି କାର୍ଯ୍ୟକାରୀ କରାଯାଇ ପାରିବନାହିଁ । ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ ଆଭା ଆଇ.ଡି. ଇଂଟର-ଅପରେବଲ୍ ହେଲଥ ରେଜିଷ୍ଟ୍ରି ଏବଂ ଏକୀକୃତ ହେଲଥ ଇଂଟରଫେସ୍ ରେକର୍ଡଗୁଡ଼ିକୁ ଧାରଣଯୋଗ୍ୟ, ନିରନ୍ତର ଉପଲବ୍ଧତା ଏବଂ ଡେଲିଭରିକୁ ଅଧିକ କ୍ରିୟାଶୀଳ କରିଛି । ଭାରତ ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିଗରେ ଆଡକୁ ଅଗ୍ରସର ହେଉଥିବାବେଳେ ପ୍ରାୟ ୯୧ କୋଟି ଆଭା ଆଇ.ଡି. ପୂର୍ବରୁ ସୃଷ୍ଟି ହୋଇସାରିଛି । ଏକତ୍ରିତ ଭାବରେ, ମାଗଣା ସେବା, ଗୋଷ୍ଠୀ-ସ୍ତରୀୟ ନିଦାନ, ଫ୍ରଂଟ-ଲାଇନ୍ ବିଶେଷଜ୍ଞ, ରେଫରାଲ୍ ପରିବହନ, ଡାଏଲିସିସ୍, ହସ୍ପିଟାଲାଇଜେସନ୍ କଭର ଏବଂ ଏକ ଡିଜିଟାଲ୍ ମେରୁଦଣ୍ଡ ଯୋଜନାର ସଂଗ୍ରହରେ ସଂଯୋଜିତ ହୁଏନାହିଁ - ସେମାନେ ଏକ ବ୍ୟବସ୍ଥା ସହିତ ସଂଯୁକ୍ତ ହୁଅନ୍ତି । ସ୍ୱାସ୍ଥ୍ୟସେବାରୁ ସୁଫଳ ଆକସ୍ମିକ ନୁହେଁ । ଯେତେବେଳେ ଏହା କାମ କରେ ସେତେବେଳେ ଏହା ସ୍ଥାୟୀ, ପର୍ଯ୍ୟାୟକ୍ରମିକ ସାର୍ବଜନୀନ ନିବେଶ ପରି ଏହା ଦେଖାଯାଏ । ଏହି ସଫଳତାର ପରିଣାମ ଆଉ କେବଳ କାଗଜପତ୍ର ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଭାରତର ଜନସ୍ୱାସ୍ଥ୍ୟ ରେକର୍ଡରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି; ଯେଉଁଠି ମାତୃ ମୃତ୍ୟୁ ହାର ୨୦୦୪-୦୬ ମସିହାରେ ପ୍ରତି ଲକ୍ଷ ଜୀବିତ ଜନ୍ମରେ ୨୫୪ ଥିବାବେଳେ ୨୦୨୨-୨୪ ସୁଦ୍ଧା ୮୭ କୁ ହ୍ରାସ ପାଇ 'ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭' ର ଲକ୍ଷ୍ୟକୁ ପୂରଣ କରିଛି । ୧୯୯୦ ରୁ ୨୦୨୪ ମଧ୍ୟରେ ଭାରତ ନିଜର ମାତୃ ମୃତ୍ୟୁ ହାରକୁ ୮୪% ହ୍ରାସ କରିପାରିଛି - ଯାହା ପ୍ରାୟ ୪୮% ର ବିଶ୍ୱସ୍ତରୀୟ ହ୍ରାସ ତୁଳନାରେ ଦୁଇଗୁଣ ଅଟେ - ଏବଂ ଏହି ଅଭୁତପୂର୍ବ ସଫଳତା ପାଇଁ ଜାତିସଂଘ ଜନସଂଖ୍ୟା ପାଣ୍ଠି ଭାରତକୁ ମାତୃ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ କ୍ଷେତ୍ରରେ ନେତୃତ୍ୱ ନେଇଥିବାରୁ ସ୍ୱୀକୃତି ପ୍ରଦାନ କରିଛି । ସାମଗ୍ରିକ ଚିତ୍ରକୁ ଦେଖିଲେ ମଧ୍ୟ ସମାନ ସକାରାତ୍ମକ କାହାଣୀ ସାମ୍ନାକୁ ଆସେ, ଯେଉଁଠି ସର୍ବଶେଷ 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' ଅନୁଯାୟୀ, ଦେଶର ପ୍ରଜନନ ହାର ୨.୦ ରେ ପହଂଚିଛି, ଚିକିତ୍ସାଳୟରେ ପ୍ରସବ ହାର ୯୦.୬% କୁ ବୃଦ୍ଧି ପାଇଛି ଏବଂ ସମ୍ପୂର୍ଣ୍ଣ ପ୍ରତିଷେଧକ ଟିକାକରଣ ଏବେ ୯୮.୬% ରେ ପହଂଚିଛି । ଏସବୁ ହେଉଛି ରୋଗ ପ୍ରତିରୋଧ, ଚିହ୍ନଟ ଏବଂ ପ୍ରତିକାର କରିବାରେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦକ୍ଷତା ବୃଦ୍ଧିର ପ୍ରମାଣ; ଏବଂ ଏହି କାରଣରୁ ଭାରତର ବିଭିନ୍ନ ରୋଗ ନିର୍ମୂଳନର ମାଇଲଖୁଂଟଗୁଡ଼ିକ ବିଶେଷ ଗୁରୁତ୍ୱ ବହନ କରନ୍ତି, ଯେପରିକି ୨୦୧୫ ରେ ମାତୃ ଓ ନବଜାତ ଶିଶୁ ଧନୁଷ୍ଟଙ୍କାର ନିର୍ମୂଳନ ଏବଂ ୨୦୨୪ ରେ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ 'ଟ୍ରାକୋମା' ର ସମ୍ପୂର୍ଣ୍ଣ ନିରାକରଣ - ଯାହା ଭାରତକୁ ଦକ୍ଷିଣ-ପୂର୍ବ ଏସିଆର ମାତ୍ର ତୃତୀୟ ଦେଶ ଭାବେ ଏହି ଗୌରବ ଆଣିଦେଇଛି । ଏହା ହେଉଛି ବୃହତ ଶିକ୍ଷା । ଏନ.ଏସ.ପି. ୨୦୧୭ ଏଥିପାଇଁ ଦିଶା ନିର୍ଦ୍ଦେଶ ସ୍ଥିର କରିଛି, ଏନ.ଏଚ.ଏମ. ଉପ-ସ୍ୱାସ୍ଥ୍ୟ କେନ୍ଦ୍ରରୁ ତୃତୀୟ ପର୍ଯ୍ୟାୟର ହସ୍ପିଟାଲ ପର୍ଯ୍ୟନ୍ତ ଡେଲିଭରି ଭିତିଭୂମି ନିର୍ମାଣ କରିଛି, ଏବଂ ଆୟୁଷ୍ମାନ ଭାରତ ସେହି ବ୍ୟବସ୍ଥାକୁ ଏହାର ଚାରୋଟି କାର୍ଯ୍ୟକାରୀ ସ୍ତମ୍ଭ ପ୍ରଦାନ କରିଛି: ପ୍ରାଥମିକ ଚିକିତ୍ସା ପାଇଁ ଏ.ଏ.ଏମ., ଆର୍ଥିକ ସୁରକ୍ଷା ପାଇଁ ପି.ଏମ.- ଜୟ, ସ୍ଥିରତା ଏବଂ ଭିତିଭୂମି ପାଇଁ ପି.ଏମ.- ଅଭୀମ, ଏବଂ ଡିଜିଟାଲ୍ ମେରୁଦଣ୍ଡ ପାଇଁ ଏ.ବି.ଡି.ଏମ. । ମାଗଣା ଔଷଧ, ନିଦାନ, ପରିବହନ ଏବଂ ଡାଏଲିସିସ୍ ସହିତ - ଏଗୁଡ଼ିକ ଯୋଜନାର ସଂଗ୍ରହ ଅପେକ୍ଷା ଅଧିକ କାର୍ଯ୍ୟ ସଂପାଦନ କରୁଛନ୍ତି । ଏପରି ବ୍ୟବସ୍ଥା ଆମ ଲୋକଙ୍କ ପାଇଁ ଏକ ଜାତୀୟ ସ୍ୱାସ୍ଥ୍ୟର ଢାଲ ସୁରକ୍ଷା କବଚ ସୃଷ୍ଟି କରେ ଏବଂ ଏହା ଏକ ସ୍ମାରକ ଯେ ସାର୍ବଜନୀନ ସ୍ୱାସ୍ଥ୍ୟ, ଯେତେବେଳେ ରାଷ୍ଟ୍ର ନିର୍ମାଣ ଭାବରେ ବ୍ୟବହାର କରାଯାଏ, ଉଭୟ ଜୀବନ ଏବଂ ଦେଶର ଭବିଷ୍ୟତକୁ ଏହା ପରିବର୍ତ୍ତନ କରିପାରିବ ।

***(ଲେଖକ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ)***



ଶ୍ରୀମତୀ ଅନୁପ୍ରିୟା ପଟେଲ

# ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ

ଧାମନଗର(ନିପ୍ର): ଭାରତୀୟ ସଂସ୍କୃତି ଓ ଓଡ଼ିଆ ପରମ୍ପରାର ମହାନ କୃଷିଭିତିକ ଗଣପର୍ବ 'ରଜ'କୁ ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଛି । ପରିଷଦ ସଭାଗୃହରେ ଆୟୋଜିତ ଏହି ସମାବେଶରେ ଓଡ଼ିଆ ଜାତିର ସ୍ୱାଭିମାନ ଓ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ବରିଷ୍ଠ ନାଗରିକମାନଙ୍କ ନିରନ୍ତର ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ଅନିଲ କୁମାର ବାରିକ କହିଲେ ଯେ, ଆଧୁନିକତାର ଅନ୍ଧଦୌଡ଼ରେ ଆମର ମୂଳ ସଂସ୍କୃତି ଓ ପର୍ବପର୍ବାଣୀ ଆଜି ହଜିବାକୁ ବସିଛି । ଏହାକୁ ଆଗାମୀ ପିଢ଼ି ନିକଟରେ ପହଂଚାଇବା ବରିଷ୍ଠ ନାଗରିକମାନଙ୍କର ମୁଖ୍ୟ ଦାୟିତ୍ୱ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଗଣଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ କହିଲେ ଯେ, ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରୀୟ ସତାକୁ ଅନୁଭବ କଲେ ହିଁ ଜୀବନ ସାର୍ଥକ ହୋଇଥାଏ । ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭଦ୍ରକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ବରିଷ୍ଠ ନାଗରିକ ମାନଙ୍କର ଅଭିଜ୍ଞତାକୁ ସମାଜ ଗଠନରେ ବିନିଯୋଗ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇଥିଲେ । ଏହି ଅବସରରେ ବ୍ଲକର ଦଶମ ବୋର୍ଡ଼ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଚାରିଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ସେକ୍ ଅବଦୁଲ ହାକିମ, ଦଶରଥ ଦାସ, ରସାନନ୍ଦ ମହାପାତ୍ର, ବାସୁଦେବ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ପରିଷଦର ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନିରାକାର ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭଞ୍ଜନ ରାଉଳ ବେଦପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଇଂ. ନୃସିଂହ ଚରଣ ନାୟକଙ୍କ ସମେତ ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ସନ୍ତୋଷ ପାଢ଼ୀ, ଭାସ୍କର ଚନ୍ଦ୍ର ସାମଲ, ନରେନ୍ଦ୍ର କୁମାର ମଲ୍ଲିକ, ବିଶ୍ୱନାଥ ବେହେରା, ଶ୍ରୀଧର ନାଥ, ରାମଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ ଓ ଲମ୍ବୋଦର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟି ତଳୁ ଉଦ୍ଧାର ହେଲା ମୃତ ଶରୀର: ୨ ଗିରଫ, ୧ଫେରାର

ନୀଳଗିରି(ନିପ୍ର): ବୀରେନ୍ଦ୍ର ବେହେରା ଅପହରଣ ହୋଇଛି ବୋଲି ବରହମପୁର ଥାନାରେ ସ୍ତ୍ରୀ ସାବିତ୍ରୀ ଅଭିଯୋଗ କରିଥିଲେ । ୧୫ ଦିନ ଧରି ପୋଲିସ ମୋବାଇଲ ଟ୍ରାକିଂ କଲା ପରେ ଖବର ପାଇ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ ମହାରାଷ୍ଟ୍ର ରେ ଅଛନ୍ତି ଜାଣିଲାପରେ ଏକ ଟିମ ଯାଇ ସେଠାରେ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ଗିରଫ କରି ଆଜି ସକାଳେ ବରମପୁରଥାନା ରେ ପହଁଚି ଥିଲେ । ପରେ ଦୁହିଁଙ୍କୁ ଜାରା କରିବା ପରେ ସବୁ କଥା ମାନି ଯାଇଥିଲେ । ବରମପୁର ଓ ଉଦଳା ପୋଲିସ ମିଳିତ ଭାବେ ମାଜିଷ୍ଟ୍ରେଟ ତପନ କୁମାର ବାରିକ,ନୀଳଗିରି ଭାରପ୍ରାପ୍ତ ଏସ.ଡି.ପିଓ.ତଥା ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ, ବରମପୁର ଆଇଆଇସି ପ୍ରମଦା ନାୟକ, ଉଦଳା ଏଏସଆଇ ଏଲ ଆର ସୋରେନ ଓ ସାଇଂଟିଫିକ ଦଳଙ୍କ ଉପସ୍ଥିତ ରେ ମାଟି ତଳୁ ନିଖୋଜ ବୀରେନ୍ଦ୍ର ର ମୃତ ଶରୀର. କୁ ଉଦ୍ଧାର କରିଛି । ଗତ ମାସ ୨୫ ତାରିଖ ରାତିରେ ବିରେନ୍ଦ୍ରଙ୍କୁ ଅପହରଣ ପରେ ତାଙ୍କୁ ମୟୁରଭଞ୍ଜ ଜିଲ୍ଲାର ଉଦଳା ଅଂଚଳର ଏକ ନିଛାଟିଆ ସ୍ଥାନକୁ ନେଇ ହତ୍ୟା କରାଯାଇଥିବା ସହ ମୃତଦେହକୁ ଉଦଳା ଥାନା ବଡ଼ସିଙ୍ଘାହାରିଆ ଅଂଚଳ ରେ ନିଛାଟିଆ ସ୍ଥାନ ମାଟିତଳେ ପୋତି ଦିଆଯାଇଥିଲା । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣା ର ସମ୍ପୃକ୍ତ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଘଟଣାଟି ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି କ୍ଷପର କ୍ରିୟା ପ୍ରୀତି ଯୋଗୁ ସାଙ୍ଗ ଯୋଜନା ମୁତାବକ କପ୍ତି ପଦା ଅଂଚଳକୁ ଡାକି ବାଟରେ ମାରି ଅଭିଯୁକ୍ତ ଙ୍କ ଶୁଶୁର ଘର ନିକଟରେ ପୋତି ଦେଇଥିଲା । ପରେ ସ୍ୱାମୀ ସ୍ତ୍ରୀ ଦୁହେଁ ଫେରାର ହୋଇଯାଇଥିଲେ । ଉକ୍ତ ଘଟଣାର ଅଭିଯୁକ୍ତ ମୈତ୍ର ବୀରେନ୍ଦ୍ର ମଢେଇ, ସ୍ତ୍ରୀ ସୀତା ମଢ଼େଇ ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଫେରାର ଥିବା ଜଣାପଡିଛି । ଅପରପକ୍ଷରେ ବରହ ମପୁର ପୋଲିସ ପକ୍ଷରୁ ୭୫/୨୬ ମାମଲା ରୁଜୁ କରି ତଦନ୍ତ ଚାଲିଛି । ସୂଚନାଯୋଗ୍ୟ ବରହମପୁର ଥାନା କେସିପୁର ପଂଚାୟତ ଗବପାଳ ଗ୍ରାମର ବୀରେନ୍ଦ୍ର ବେହେରା ଓ ମୈତ୍ର ବୀରେନ୍ଦ୍ର ମଢେଇ ଙ୍କ ଘର ସହିତ ଭଲ ସମ୍ପର୍କ ଥିବାରୁ ଶ୍ ବୀରେନ୍ଦ୍ର ମଢେଇ ଙ୍କ ସ୍ତ୍ରୀ ସହିତ ବୀରେନ୍ଦ୍ର ର ଅନୈତିକ ସମ୍ପର୍କ ଦର୍ଶାଇ ଗତ ଏକମାସ ପୂର୍ବରୁ ମଢେଇ ଘରକୁ ଡାକି ବାନ୍ଧି ପିଟିଥିଲେ । ଏନେଇ ସ୍ଥାନୀୟ ସରପଂଚ ଙ୍କ ସମେତ ଗ୍ରାମ ର ଭଦ୍ରଲୋକ ଙ୍କ ଉପସ୍ଥିତ ରେ ସମାଧାନ କରାଯାଇ ୫୦ ହଜାର ଟଙ୍କା କୋର୍ଟ ପେପର ମାଧ୍ୟମରେ ପୈଠ କରିଥିବାର ଲେଖା ପଢ଼ା କରାଯାଇଥିବାର ସ୍ତ୍ରୀ ସାବିତ୍ରୀ ବେହେରା ଗତ୩୧ତାରିଖ ଦିନ ଅଭିଯୋଗ କରିଥିଲେ ।

# ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ୩୦ଶ୍ରଦ୍ଧାଳୁଙ୍କ ତୀର୍ଥଯାତ୍ରା ଆରମ୍ଭ




ବାରିପଦା(ନିପ୍ର): ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଚଳିତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ ଜଣ ଶ୍ରଦ୍ଧାଳୁ ଯୋଗଦେଇ ପବିତ୍ର ସୋମନାଥ ଧାମ ଦର୍ଶନ ପାଇଁ ଯାତ୍ରା କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାୟକ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ କେବଳ ଏକ ତୀର୍ଥଯାତ୍ରା ନୁହେଁ, ବରଂ ଏହା ଶ୍ରଦ୍ଧା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ । ଏଭଳି ଯାତ୍ରା ମାଧ୍ୟମରେ ଲୋକମାନେ ନିଜର ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିବା ସହ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରିବେ । ଏହା ସାମାଜିକ ସରସତା, ନୈତିକ ମୂଲ୍ୟବୋଧ ଏବଂ ଜାତୀୟ ଏକତାର ଭାବନାକୁ ମଧ୍ୟ ଅଧିକ ସୁଦୃଢ଼ କରିଥାଏ । ସେ ଆହୁରି କହିଥିଲେ ଯେ, ଭାରତର ପ୍ରାଚୀନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ବିଶ୍ୱ ଦରବାରରେ ଦେଶର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ପରମ୍ପରାର ସଂରକ୍ଷଣ ଓ ପ୍ରସାର ସହ ନୂତନ ପିଢ଼ି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ପାଇଁ ଏଭଳି ଯାତ୍ରା ବେଶ୍ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ କଲେକ୍ଟର ମାନସୀ ତରାଇ ମଧ୍ୟ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଯାତ୍ରା ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ । ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ଏହି ସୁଯୋଗ ପାଇଁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ପବିତ୍ର ସୋମନାଥ ଧାମ ଦର୍ଶନ ନିଜ ଜୀବନର ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



### ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି କାର୍ଯ୍ୟକ୍ରମର ଭବ୍ୟ ଉଦ୍‌ଯାପନୀ ସନ୍ଧ୍ୟା;

## ସଫଳ ମହିଳା ଓ ସୁଭଦ୍ରା ହିତାଧିକାରୀଙ୍କୁ ସମ୍ବର୍ଦ୍ଧନା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଝାରସୁଗୁଡ଼ା(ନି.ପ୍ର.) ରାଜ୍ୟ ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲା ସ୍ତରରେ ଆୟୋଜିତ ଉତ୍ସବ ଉଦଯାପନୀ ସନ୍ଧ୍ୟା ଅତି ଆଡ଼ମ୍ବର ସହକାରେ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ମୀନା ସରିଫ, ସମାଜସେବୀ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଡ. ପୁଷ୍ପଶ୍ରୀ ନାୟକ, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣକେଶୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ବିଶିଷ୍ଟ ସମାଜସେବୀ ତଥା 'ସେହାଡା' ଅନୁଷ୍ଠାନର ସମ୍ପାଦିକା ଆନନ୍ଦିନୀ ପାଢ଼ୀ ମଧ୍ୟ ଉପସ୍ଥିତ ରହିଥିଲେ ।ଏହି ଦୁଇ ବର୍ଷର ସଫଳତା ଯାତ୍ରା ଅବସରରେ ସରକାରଙ୍କ ପ୍ରମୁଖ ବିଭାଗ ଯଥା— ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସେମାନଙ୍କର ବିଭିନ୍ନ ଜନହିତକର ଯୋଜନା ଓ ସଫଳ ରୂପାୟନର ଏକ ସବିଶେଷ ପ୍ରେଜେଂଟସନ ପ୍ରଦର୍ଶିତ କରାଯାଇଥିଲା ।ଏହି ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ ସରକାରଙ୍କ ସଫଳ ଯୋଜନାର ଦୁଇଜଣ 'ଲକ୍ଷପତି ଦିଦି' । ଦୁର୍ଲଗା ଗ୍ରାମ ପଂଚାୟତର ଏସଏଚଜି ସଦସ୍ୟା ରଞ୍ଜୁଲତା ପଟେଲ, ଯାହାଙ୍କର ବାର୍ଷିକ ହାରାହାରି ଆୟ ୧୦ ଲକ୍ଷ ଟଙ୍କାରୁ ଅଧିକ ଏବଂ ଦଲକି ଗ୍ରାମ ପଂଚାୟତର ରିଙ୍କି ପାଉଲେ, ଯାହାଙ୍କର ବାର୍ଷିକ ଆୟ ୧୮ ଲକ୍ଷ ଟଙ୍କାରୁ ଅଧିକ, ସେମାନଙ୍କର ଅଦମ୍ୟ ସଫଳତାର କାହାଣୀ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷରେ ଉଦଯାପନୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବିଭିନ୍ନ ଅଂଚଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ମରଣଯନ୍ତା ପାଲଟିଛି କାଶିପୁରର ଭୂସ୍ୱର୍ଗ ବାସଂଗମାଳି ରାସ୍ତା



ରାୟଗଡା (ନି.ପ୍ର)ପ୍ରାକୃତିକ ସମ୍ପନ୍ନ ରତ୍ନଗର୍ଭା କାଶୀପୁର ବ୍ଲକରେ ରହିଛି ଅନେକ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ସେଥିମଧ୍ୟରୁ ବାସଂଗମାଳି ଅନ୍ୟତମ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଆଦିବାସୀ ଅଧ୍ୟୁଷିତ ଅଂଚଳ ରେ ପ୍ରକୃତି ଢାଳି ଦେଇଛି ଅନେକ ଦର୍ଶନୀୟ ସ୍ଥଳୀ । କିନ୍ତୁ ଏହାର ରକ୍ଷଣାବେକ୍ଷଣ ର ଅଭାବ ଓ ପ୍ରଶାସନର ଅବହେଳିତ ମନୋଭାବ ଯୋଗୁଁ ବାହ୍ୟ ଜଗତରୁ ଲୁଚି ରହିଛି । ସେହିଭଳି ପ୍ରକୃତି ଦ୍ୱାରା ସୃଷ୍ଟି ଏକ ମନିଲୋଭା ସ୍ଥାନ ହେଉଛି କାଶିପୁର ସଦରମହକୁମା ଠାରୁ ମାତ୍ର ୧୩ କିମି ଦୂରରେ ଥିବା ବାସଙ୍ଗ ମାଳି ପର୍ବତ । ସାଧାରଣ ଜନବସତି ଠାରୁ ପ୍ରାୟ ୧ ହଜାର ଫୁଟ ଉର୍ଦ୍ଧ୍ୱରେ ରହିଥିବା ଏହି ପର୍ଯ୍ୟଟନ ସ୍ଥଳୀ କୁ ପ୍ରତିଦିନ ଶହଶହ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି । ପ୍ରକୃତିର ସବୁଜିମା ସହ ଏକ ଅଲଗା ଜଳବାୟୁ ର ଅନୁଭୂତି ଏହା ସହ ଛୋଟ ଛୋଟ ଝରଣାର ଅପୂର୍ବ ରାଗ ସହିତ ଏଠାରେ ରହିଛି ତୟାଙ୍ଗିର ଜଳପ୍ରପାତ । ଆଖପାଖ ଅଂଚଳର ବହୁ ଲୋକ ନିଜ କାର୍ଯ୍ୟବ୍ୟସ୍ତତା ରୁ ବିରାମ ନେଇ ପ୍ରକୃତିର ସୌନ୍ଦର୍ଯ୍ୟ କୁ ଉପଭୋଗ କରିବାକୁ ସେଠାକୁ ଯାଇଥାନ୍ତି । କିନ୍ତୁ ବର୍ତମାନ ସେଠାକୁ ସଂଯୋଗ ହୋଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି । କିଛି ବର୍ଷ ତଳେ ହୋଇଥିବା ଏହି ଘାଟି ରାସ୍ତା ବର୍ତମାନ ଦୟନୀୟ ଅବସ୍ଥାରେ । ଏହି ରାସ୍ତାଟି ବାସଂଗ ମାଳି, ଝାଡ଼ ବନ୍ଧମାଳି, ଉପର କଞ୍ଜାକଣା, ତଳ କଞ୍ଜାକଣା, ଉପର ମାଣ୍ଡିଝୋଲା, ତୟାଙ୍ଗିର ଗ୍ରାମର ଗ୍ରାମବାସୀଙ୍କ ଭରଷା ପାଲଟିଥିବା ବେଳେ ଏହି ରାସ୍ତାରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଥିବା ଦେଖାଯାଇଛି । ଏହି ରାସ୍ତାର ମରାମତି କରାଗଲେ ପର୍ଯ୍ୟଟକଙ୍କ ବୃଦ୍ଧି ପାଇବା ସହ ଜନଜୀବନ ଯାତାୟତରେ ଆଶ୍ୱସ୍ତି ହେବ ଓ ଏହି ପର୍ଯ୍ୟଟନ ସ୍ଥଳୀ ଙ୍କୁ ଦର୍ଶକଙ୍କ ଭିଡ଼ ଜମିବ ବୋଲି କାଶୀପୁରର ଯୁବ ଆଇନଜୀବୀ ଅମିତ୍ ନାୟକ କହିଛନ୍ତି ।

## ମୁଣ୍ଡାଗୁଡ଼ାରେ ସ୍ୱତନ୍ତ୍ର କ୍ରିକେଟ୍ ଷ୍ଟାଡିୟମ୍ ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ବିଧାୟକଙ୍କ ପତ୍ର

ମାଲକାନଗିରି , (ହି.ସ.) - ମାଲକାନଗିରି ବିଧାୟକ ନରସିଂହ ମାଡକାମି କ୍ରୀଡ଼ା ଓ ଯୁବ ବ୍ୟାପାର, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ମୁଣ୍ଡାଗୁଡ଼ାଠାରେ ପ୍ରସ୍ତାବିତ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ଏକ ସ୍ୱତନ୍ତ୍ର କ୍ରିକେଟ୍ ଫେସିଲିଟିରେ ପରିଣତ କରିବା ପାଇଁ ଦାବି ଜଣାଇଛନ୍ତି । ବିଧାୟକ ତାଙ୍କ ପ୍ରସ୍ତାବ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କ୍ରୀଡ଼ା ଓ ଯୁବସେବା ବିଭାଗର ପତ୍ର ସଂଖ୍ୟା ଆଇ ଏନ ଏଫ ଆର -୦୦୩୧-୨୦୨୫/୯୨୭୨ ତାରିଖ ୧୨ ମାର୍ଚ୍ଚ ୨୦୨୬ ଅନୁଯାୟୀ ମାଲକାନଗିରି ବ୍ଲକରେ ପ୍ରାୟ ୧୦.୧୬ କୋଟି ଟଙ୍କା ବ୍ୟୟରେ ଏକ ମଲ୍ଟି-ସ୍ପୋର୍ଟସ୍ ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି । ତେବେ ବ୍ଲକ ମଧ୍ୟରେ ପୂର୍ବରୁ ଏକ ମଲ୍ଟି-ସ୍ପୋର୍ଟସ୍ ଷ୍ଟାଡିୟମ୍ ରହିଥିବାରୁ ନୂତନ ପ୍ରକଳ୍ପକୁ ଜିଲ୍ଲାର ଆବଶ୍ୟକତା ଅନୁଯାୟୀ କ୍ରିକେଟ୍ ହବ୍ ଭାବେ ବିକଶିତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।ମାଲକାନଗିରିରେ କ୍ରିକେଟ୍ ପ୍ରତି ଯୁବପିଢ଼ୀଙ୍କ ଆଗ୍ରହ ରହିଛି ଜିଲ୍ଲାର ବିଭିନ୍ନ ଗାଁ ଓ ସହରାଂଚଳରୁ ୭ରୁ ୨୨ ବର୍ଷ ବୟସର ଶତାଧିକ ଖେଳାଳି ପ୍ରତିଦିନ କଠିନ ପରିଶ୍ରମ କରି ଅଭ୍ୟାସ କରୁଛନ୍ତି କିନ୍ତୁ ଆଧୁନିକ ପିଚ୍, ନେଟ୍ ପ୍ରାକ୍ଟିସ୍, ଜିମ୍ ଓ ପ୍ରଶିକ୍ଷଣର ଅଭାବ ସେମାନଙ୍କ ଆଗକୁ ବଢ଼ିବାରେ ବଡ଼ ପ୍ରତିବନ୍ଧକ ସାଜିଛି । ସ୍ଥାନୀୟ ଯୁବ କ୍ରିକେଟରମାନଙ୍କ କହିବା ଅନୁଯାୟୀ, "ଆମ ପାଖରେ ପ୍ରତିଭା ଅଛି, ପରିଶ୍ରମ କରିବାର ଇଚ୍ଛା ଅଛି, କିନ୍ତୁ ଭଲ ସୁବିଧା ନାହିଁ । ଏକ ଉନ୍ନତ କ୍ରିକେଟ୍ ଷ୍ଟାଡିୟମ୍ ହେଲେ ମାଲକାନଗିରିର ଖେଳାଳିମାନେ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ । ଅଭିଭାବକମାନେ ମଧ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ, ଆଜିର ଯୁବପିଢ଼ୀଙ୍କୁ ନିଶା, ଅପସଂସ୍କୃତି ଓ ଅନ୍ୟାନ୍ୟ ସାମାଜିକ ବ୍ୟାଧିରୁ ଦୂରେ ରଖିବା ପାଇଁ କ୍ରୀଡ଼ା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ଯଦି ମୁଣ୍ଡାଗୁଡ଼ାରେ ଏକ ଆଧୁନିକ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ ହୁଏ, ତେବେ ଜିଲ୍ଲାର ଶହ ଶହ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ବିଧାୟକ ଶ୍ରୀ ନରସିଂହ ମାଡକାମି କହିଛନ୍ତି ଯେ ମାଲକାନଗିରିର ଯୁବପିଢ଼ୀଙ୍କ ମଧ୍ୟରେ କ୍ରିକେଟ୍ ପ୍ରତି ଅସାଧାରଣ ଉତ୍ସାହ ରହିଛି । ଏହି ପ୍ରକଳ୍ପକୁ ଏକ ଡେଡିକେଟେଡ୍ କ୍ରିକେଟ୍ ଫେସିଲିଟି ସହ ଇଣ୍ଡୋର ଷ୍ଟାଡିୟମ୍ ଏବଂ ଜିମ୍ନାସିୟମ୍ରେ ପରିଣତ କରାଗଲେ ଆମ ଜିଲ୍ଲାର ପ୍ରତିଭାବାନ ଖେଳାଳିମାନେ ଉପକୃତ ହେବେ ଏବଂ ମାଲକାନଗିରି ରାଜ୍ୟର କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ । ଏବେ ମାଲକାନଗିରିର ଯୁବ କ୍ରିକେଟର, କ୍ରୀଡ଼ାପ୍ରେମୀ ଓ ଅଭିଭାବକମାନଙ୍କ ନଜର ରାଜ୍ୟ ସରକାରଙ୍କ ନିଷ୍ପତି ଉପରେ ରହିଛି । ମାଲକାନଗିରିର ପିଲାମାନଙ୍କୁ ଏକ ଆଧୁନିକ କ୍ରିକେଟ୍ ଷ୍ଟାଡିୟମ୍ କିଭଳି ମିଳିପାରିବ ଓ ଏହି ଠାରୁ ଯୁବା ଦିନେ ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିବେ ।"

## ଚୋରା ମଦ ଜବତ, ୭ ଗିରଫ

କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଓ ନିକିରାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ



ଧୂମାତ ଗ୍ରାମର ପ୍ରଫୁଲ୍ଲ ବେହେରା(୫୧)ଙ୍କ ଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ(୩୧)ଙ୍କ ଠାରୁ ୨୯ ଲିଟର ଚୋରା ଦେଶୀ ମଦ, ବେଣୁପାଳ ଗ୍ରାମର ରଞ୍ଜିତ ଦାସ(୩୫)ଙ୍କ ଠାରୁ ୨୬ ଲିଟର ଚୋରା ବିଦେଶୀ ମଦ, ଗର୍ଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି(୩୮)ଙ୍କ ଠାରୁ ୩୬ ଲିଟର ଚୋରା ବିଦେଶୀ ମଦ, ପ୍ରତାପ ଚନ୍ଦ୍ର ପରିଡା (୫୯)ଙ୍କ ଠାରୁ ୨୮ ଲିଟର ଚୋରା ଦେଶୀ ମଦ, ଏଣ୍ଡର ଗ୍ରାମର ଅକ୍ଷୟ କୁମାର ସାହୁ (୬୬)ଙ୍କ ଠାରୁ ୩୬ ଲିଟର ଚୋରା ବିଦେଶୀ ମଦ ଓ କୋର ଗ୍ରାମର ଧନେଶ୍ୱର ବେହେରା(୩୬)ଙ୍କ ଠାରୁ୨୯ ଲିଟର ଚୋରା ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୨୦୯ ଲିଟର ବିଦେଶୀ, ଓ ଦେଶୀ ରନ୍ଧା ଚୋରାମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## କୋଇମେଟଲା ସରପଂଚଙ୍କ ପରଲୋକ

ମାଲକାନଗିରି (ହି.ସ.) - ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ କୋଇମେଟଲା ପଂଚାୟତ ସରପଂଚ ମୁନ୍ନା ପଡ଼ିୟାମୀଙ୍କ ଗତକାଲି ରାତ୍ର ରେ ପରଲୋକ ଘଟିଛି । ଉଚ୍ଚ ରକ୍ତଚାପ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମାତ୍ର ୪୩ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଛି । ମିଳିଥିବା ସୂଚନା ମୁତାବକ, ସେ ଦୀର୍ଘ ଦିନ ଧରି ଉଚ୍ଚ ରକ୍ତଚାପ ଜନିତ ସମସ୍ୟାରେ ପୀଡ଼ିତ ଥିଲେ । ଗତ ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ କାଲିମେଲା ମେଡିକାଲରେ ଭର୍ତି କରିଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମେଡିକାଲରେ ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ନିଜ ଗ୍ରାମ ସ୍ଥିତ ବାସଭବନକୁ ଅଣାଯାଇଥିଲା । ସେଠାରେ ସ୍ଥାନୀୟ ଜନସାଧାରଣ, ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଜଣେ ଜନପ୍ରିୟ ଏବଂ ମେଳାପୀ ସରପଂଚ ଭାବେ ସେ ସ୍ଥାନୀୟ ଅଂଚଳରେ ବେଶ ପରିଚିତ ଥିଲେ । ପଂଚାୟତର ବିକାଶମୂଳକ କାର୍ଯ୍ୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ତାଙ୍କ ବିୟୋଗରେ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ମଣିପୁରରେ ୧୪ ଜଣ କୁକି ବନ୍ଧକଙ୍କ ମୁକ୍ତିକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

ଇମ୍ଫାଲ, (ହି.ସ.)- ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ମଙ୍ଗଳବାର ଦିନ ୧୪ ଜଣ କୁକି ବନ୍ଧକଙ୍କ ସୁରକ୍ଷିତ ମୁକ୍ତିକୁ ସ୍ୱାଗତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ରାଜ୍ୟରେ ଚାଲିଥିବା ସଙ୍କଟରେ ଏକ ସକାରାତ୍ମକ ଏବଂ ମାନବିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି ।ସମ୍ପ୍ରତି ସନ୍ଦିଗ୍ଧ ଆତଙ୍କବାଦୀମାନେ କୁକି ନାଗରିକମାନଙ୍କୁ ଅପହରଣ କରିଥିଲେ, ଯାହା ରାଜ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା ।ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ ଏକ ବିବୃତିରେ,ବନ୍ଦୀମାନଙ୍କ ସୁରକ୍ଷିତ ମୁକ୍ତି ସୁନିଶ୍ଚିତ କରିବାରେ ସମସ୍ତ ବ୍ୟକ୍ତି, ଦଳ ଏବଂ ସଂଗଠନକୁ କୃତଜ୍ଞତା ପ୍ରକାଶ କରିଛନ୍ତି ।ସେ ବନ୍ଦୀମାନଙ୍କ ସୁରକ୍ଷିତ ମୁକ୍ତିରେ ନାଗା ସିଭିଲ ସୋସାଇଟି ସଂଗଠନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି ।ନାଗା ସମ୍ପ୍ରଦାୟର ଏହି ପଦକ୍ଷେପକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ କହିଛନ୍ତି ଯେ ଏହା ମାନବିକତା, ଦାୟିତ୍ୱବୋଧ ଏବଂ ମାନବ ଜୀବନ ପ୍ରତି ଗଭୀର ଚିନ୍ତାକୁ ପ୍ରଦର୍ଶନ କରେ । ସେ କହିଛନ୍ତି ଯେ ଏହିପରି ପଦକ୍ଷେପ ସଙ୍କଟ ସମୟରେ ପାରସ୍ପରିକ ବିଶ୍ୱାସ ସୃଷ୍ଟି କରିବାରେ ଏବଂ ମାନବିକ ମୂଲ୍ୟବୋଧକୁ ମଜବୁତ କରିବାରେ ସାହାଯ୍ୟ କରେ ।ମୁଖ୍ୟମନ୍ତ୍ରୀ ସମାଜର ସମସ୍ତ ବର୍ଗର ଲୋକଙ୍କୁ ହିଂସାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଶାନ୍ତି ଏବଂ ସ୍ୱାଭାବିକତା ଫେରାଇ ଆଣିବା ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଚଳିତ ସଙ୍କଟ ଅନେକ ଲୋକ ଏବଂ ସେମାନଙ୍କ ପରିବାରର ବହୁତ କ୍ଷତି କରିଛି । ତେଣୁ, ଆହୁରି କ୍ଷତି ଏବଂ କଷ୍ଟକୁ ରୋକିବା ପାଇଁ ଏକାଠି କାମ କରିବା ଅତ୍ୟନ୍ତ ଜରୁରୀ । ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ କହିଛନ୍ତି ଯେ ସରକାର ନ୍ୟାୟ ପାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଆଶ୍ୱାସନା ଦେଇଛନ୍ତି ଯେ ଆଇନ ତା'ର କାର୍ଯ୍ୟ କରିବ ଏବଂ ପ୍ରଭାବିତ ସମସ୍ତ ଲୋକଙ୍କୁ ନ୍ୟାୟ ମିଳିବ । ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ କହିଛନ୍ତି ଯେ ସରକାର ନ୍ୟାୟ ପାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଆଶ୍ୱାସନା ଦେଇଛନ୍ତି ଯେ ଆଇନ ତା'ର କାର୍ଯ୍ୟ କରିବ ଏବଂ ପ୍ରଭାବିତ ସମସ୍ତ ଲୋକଙ୍କୁ ନ୍ୟାୟ ମିଳିବ ।

## ଭଞ୍ଜପୀଠ ମାଳିସାହିରେ ରାଜ୍ୟସ୍ତରୀୟ ଭଞ୍ଜ ଜୟନ୍ତୀ ଉତ୍ସବ

ନୟାଗଡ଼(ନି.ପ୍ର.)-: ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର ପୀଠ ମାଳିସାହି ଠାରେ ରାଜ୍ୟସ୍ତରୀୟ ଭଞ୍ଜ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରମୋଦ କୁମାର ପଟ୍ଟନାୟକ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ପବିତ୍ର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ପଶ୍ଚିମବଙ୍ଗ ୟୁକୋ ବ୍ୟାଙ୍କର ଡିଜିଏମ୍ ରମେଶ କୁମାର ସାହୁ ଯୋଗଦେଇ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ମାଳିସାହି ଉପରେ ଆଲୋଚନା କରିଥିଲେ । ଏପରିକି ଅନାଲୋଚିତ ହୋଇ ରହିଥିବା ଏଭଳି ଏକ ପବିତ୍ର ପୀଠର ଉନ୍ନତିକରଣ ପାଇଁ ସରକାରଙ୍କ




ନିକଟରେ ଦୃଢ଼ ଦାବି କରାଯାଇ ଥିଲା । ମୁଖ୍ୟବକ୍ତା ଡ଼ଃ ସୁବୁଦ୍ଧି ଓଡ଼ିଆ ସାହିତ୍ୟରେ ଭଞ୍ଜଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିବା ସହିତ ମା'କୁ ମାମୁଘର ଦେଖାଇବା ଯାହା ମାଳିସାହି ମାଟିରେ ଭଞ୍ଜଙ୍କ ବିଷୟରେ କହିବା ତାହା ବୋଲି କହିବା ସହିତ ଭଞ୍ଜଙ୍କ ସାଧନା ଓ ସିଦ୍ଧିର ମାଳିସାହିର ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ମହାପାତ୍ର ମଂଚ ସଂଯୋଜନା କରିଥିଲା ବେଳେ ସହ ସମ୍ପାଦକ ନୀରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଭଞ୍ଜ ସଙ୍ଗୀତ ଗାନ କରିଥିଲେ ଓ ପପି ସଙ୍ଗୀତ ପରିବେଷଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ନୟାଗଡ଼ ଜିଲ୍ଲାର ଚଳିତ ବର୍ଷର ମାଟ୍ରିକ ଟପ୍ପର ସରୋଜ କୁମାର ଜେନାଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଓଡ଼ିଶୀ ନୃତ୍ୟ ସହ ଅନ୍ୟାନ୍ୟ ସଙ୍ଗୀତ ଭିତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା ।

## ୧୮ ତମ ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା: ଖୋର୍ଦ୍ଧାର ବିକାଶରେ ସ୍ୱର୍ଣୀମ ଅଧ୍ୟାୟ ସୃଷ୍ଟି ହୋଇଛି: ସାଂସଦ ! ଶ୍ରୀମତୀ ଷଡଙ୍ଗୀ କ୍ଷ ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ପରମ୍ପରା, ସଂସ୍କୃତି ଓ ସମରକଳା ଅତି ମହାନ କ୍ଷ ଖୋର୍ଦ୍ଧା ଜିଲ୍ଲାକୁ ରାଜ୍ୟରେ ପ୍ରଥମ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ଭାଜପା ସରକାର ବଦ୍ଧ ପରିକର ଏବଂ ଏଥି ନିମନ୍ତେ ଖୋର୍ଦ୍ଧା ର ଐତିହ୍ୟ ସଂସ୍କୃତି ସହ ଓଡ଼ିଆ ଅସ୍ମିତା ଏବଂ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ, ସମଗ୍ର ଖୋର୍ଦ୍ଧା ଜିଲ୍ଲା ସହ ବିଶେଷ ଭାବେ ଖୋର୍ଦ୍ଧା ସଦର ମହକୁମାରେ ବିକାଶର ଧାରା ଦୃତ ଗତିରେ ଆଗେଇ ଚାଲିଛି ଯାହା ସ୍ୱର୍ଣୀମ ଅଧ୍ୟାୟ ସୃଷ୍ଟି ହୋଇଛି ବୋଲି ଆଜି ଦିଶାନ୍ତ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ତିନିଦିନିଆ ୧୮ ତମ ବରୁଣେଇ ରଜ ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦ୍ଘାଟନ କରି ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି କ୍ଷ ଏଥି ସହ ଦିଷାନ୍ତ ତରଫରୁ ଏପରି ପାରମ୍ପାରିକ ପର୍ବ ୧୮ ବର୍ଷ ଧରି ପାଳନ ହେଉଥିବାରୁ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ଙ୍କୁ ଧନ୍ୟବାଦ ପ୍ରଦାନ କରି ଐତିହ୍ୟ ସଂସ୍କୃତି କୁ ପୁନଃର୍ଜୀବିତ କରି ରଖିବାକୁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ଦିଶାନ୍ତ



ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧାର ମାନ୍ୟବର ବିଧାୟକ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲା ବାସୀ ଏବଂ ସମଗ୍ର ଓଡ଼ିଶାର ମା ବରୁଣେଇଙ୍କ ନିକଟରେ ମଙ୍ଗଳ ପ୍ରାର୍ଥନା କରିବା ସହ ବରୁଣେଇ ପୀଠର ଭିତିଭୂମି ବିକାଶ, ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗଡ ଖୋର୍ଦ୍ଧାର ଉନ୍ନତି କରଣ, ବରୁଣେଇ ପାହାଡ଼ ସୌନ୍ଦର୍ଯ୍ୟ କରଣ ଓ ଇକୋ ଟୁରିଜିମ ଯୋଜନା ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳ ଏବଂ ପାଇକ ମାନଙ୍କ ସ୍ମୃତି ଓ ଶିଳ୍ପ ହବ ଯାହା ଖୋର୍ଦ୍ଧା ଜିଲ୍ଲା ରେ ନବନିର୍ମାଣର ଯୁଗ ଆରମ୍ଭ ହୋଇଛି ବୋଲି ଉଦବୋଧନ ଦେଇଥିଲେ କ୍ଷ ଏହି ଅବସରରେ ଦିଶାନ୍ତ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ଙ୍କୁ ଏଭଳି ଅନୁଷ୍ଠାନକୁ ୧୮ ବର୍ଷଧରି ବଂଚାଇ ଥିବାରୁ ତାଙ୍କୁ ସଂସ୍କୃତିର ବିନ୍ଧାଣୀ ବୋଲି କହି ପ୍ରଶଂସା କରିଥିଲେ କ୍ଷ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ରଜ ପିଠା, ରଜ ପାନ, ରଜ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାସହ ଅନୁଷ୍ଠାନର ପଂଚମ ସଂସ୍କରଣ ସ୍ମରଣିକା ଦିଶାନ୍ତ କୁ ଉନ୍ମୋଚନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ରାଜ୍ୟ ବି ଜେ ପି ମୁଖପାତ୍ର ଅନିଲ ବିଶ୍ୱାଳ, ବିଶିଷ୍ଟ ଯାତ୍ରା ଖଳ ନାୟକ ସଞ୍ଜୟ ଭୋଳ,ବି ଜେ ପି କାର୍ଯ୍ୟକର୍ତା ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ କୁମାର ହୋତା, ଅନୁଷ୍ଠାନର ଉପ ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ପରିଡ଼ା,ସହ ସଂପାଦକ ସଞ୍ଜୀବ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ସଂସ୍କୃତି ପ୍ରେମୀ ଏବଂ ହଜାର ହଜାର ଜନ ସମାବେଶ ହୋଇଥିଲା ।

## ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ହିତାଧିକାରୀ ପରାମର୍ଶ ସଭା ଆୟୋଜିତ

ଜୟପୁର, (ହି.ସ.) -କୋରାପୁଟ ସ୍ଥିତ ଦକ୍ଷତା ବିକାଶ ଏବଂ ତାଲିମ କେନ୍ଦ୍ର ଠାରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ଏକ ହିତାଧିକାରୀ ପରାମର୍ଶ ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂଗଠନ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ୍ ମାହାଜନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ଅଭିଭାଷଣ ସହିତ ସଭାକୁ ଆରମ୍ଭ କରିଥିଲେ । ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ଡା. ସୌମ୍ୟା ସ୍ୱାମୀନାଥନ, ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ସଭାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ବନ୍ଧରେ ଅଲୋକପାତ କରିଥିଲେ । ଏହା ପରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପରିଡା ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇ ସଭାକୁ ଆଗେଇନେଇଥିଲେ । ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ ଶ୍ରୀ ଗୁରୁପ୍ରସାଦ ମହନ୍ତ, ପରିକଳ୍ପନା ଓ ନିରୀକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟକାନ୍ତ ବେହେରା, ଏମ୍.ଏସ୍.ଏସ୍.ଆର.ଏଫ୍ ର ସ୍ୱାସ୍ଥ୍ୟ ଏବଂ ପୋଷଣର ନିର୍ଦ୍ଦେଶକ ଡା. ମୋହନ କୁମାର ଏବଂ ଡା. ମାୟା ମାସ୍କାରେନହାସ୍ ତଥା ଭାରପ୍ରାପ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ସମାଦାର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କର୍ମଚାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଷଣ ପରାମର୍ଶଦାତା, ୟୁନିସେଫ, ଆଇ.ସି.ଏମ. ଆର, ଏକତା, ପିରାମଲ୍ ଫାଉଣ୍ଡେସନ୍, ବିକ୍ରମଶିଳା, ଶିନୀ, ଶୋଭା ଏବଂ ରାଇଜ୍ ଭଳି ପ୍ରମୁଖ ସଂସ୍ଥାର କର୍ମକର୍ତା ଯୋଗ ଦେଇଥିଲେ ।

# ରଜ ପର୍ବ ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରଜ ପର୍ବ ଅବସରରେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏକ୍ସ ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି: 'ରଜ ପର୍ବ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ସ୍ୱତନ୍ତ୍ର ପର୍ବ ସମାଜରେ ସୁଖ ଏବଂ ସୌହାର୍ଦ୍ଦ୍ୟର ଭାବନାକୁ ଗଭୀର କରୁ । ସମସ୍ତଙ୍କୁ ସମୃଦ୍ଧି ଏବଂ ଉତମ ସ୍ୱାସ୍ଥ୍ୟର ଆଶୀର୍ବାଦ ମିଳୁ ।

# ହାଓ୍ୱଡ଼ା-ପୁରୀ-ହାଓ୍ୱଡ଼ା ଶତାବ୍ଦୀ ଏକ୍ସପ୍ରେସ ବାତିଲ୍



ଭୁବନେଶ୍ୱର : ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ, ୧୬ ଜୁନ୍ ୨୦୨୬ ରେ ଚଳାଚଳ କରିବାକୁ ଥିବା ଟ୍ରେନ୍ ନଂ ୧୨୨୭୮ ପୁରୀ-ହାଓ୍ୱଡ଼ା ଶତାବ୍ଦୀ ଏକ୍ସପ୍ରେସ ବାତିଲ୍ ରହିବ । ସେହିପରି, ୧୬ ଜୁନ୍ ୨୦୨୬ ରେ ଚଳାଚଳ କରିବାକୁ ଥିବା ଟ୍ରେନ୍ ନଂ ୧୨୨୭୭ ହାଓ୍ୱଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ମଧ୍ୟ ବାତିଲ୍ ରହିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଅପଡେଟ୍ ହୋଇଥିବା ଟ୍ରେନ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାତୀୟ ଟ୍ରେନ୍ ତଦନ୍ତ ପ୍ରଣାଳୀ (NTES) ପରିଦର୍ଶନ କରିପାରିବେ କିମ୍ବା ସରକାରୀ ରେଳ ତଦନ୍ତ ସେବା ବ୍ୟବହାର କରିପାରିବେ ।

# ଆଗକୁ ବଢୁଛି ମୌସୁମୀ: ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର: ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହେବାରେ ଲାଗିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସଦ୍ୟତମ ସୂଚନା ଅନୁଯାୟୀ, ମୌସୁମୀ ଏବେ ଓଡ଼ିଶାର ଆହୁରି ଅନେକ ଜିଲ୍ଲାକୁ ଅଗ୍ରସର ହୋଇ ସମ୍ପୂର୍ଣ୍ଣ ଉପକୂଳ ଅଂଚଳକୁ ଛୁଇଁ ସାରିଛି । ଦୀର୍ଘ ଦିନର ଗ୍ରୀଷ୍ମ ପ୍ରବାହ ପରେ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟବାସୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି ଏବଂ ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରାରେ ମଧ୍ୟ ବ୍ୟାପକ ହ୍ରାସ ଘଟିଛି । ଆଂଚଳିକ ପାଣିପାଗ କେନ୍ଦ୍ର ମୁତାବକ, ଉପକୂଳ ଜିଲ୍ଲାଗୁଡ଼ିକ ସମେତ ଉତର ଓ ଦକ୍ଷିଣ ଓଡ଼ିଶାରେ ମଧ୍ୟ ମୌସୁମୀ ବ୍ୟାପିସାରିଛି । ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏହା ରାଜ୍ୟର ଅବଶିଷ୍ଟ ଅଂଚଳକୁ ସମ୍ପୂର୍ଣ୍ଣ ରୂପେ ଛୁଇଁବାର ଅନୁକୂଳ ପରିବେଶ ରହିଛି । ମୌସୁମୀ ପ୍ରଭାବରେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଏବଂ ମଧ୍ୟମ ଧରଣର ବର୍ଷା ଏବଂ ଘଡ଼ଘଡ଼ି ଜାରି ରହିଛି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ କିଛି ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି । ବିଶେଷ କରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଭଳି ଦକ୍ଷିଣ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଆର୍ଲଟ ଜାରି କରାଯାଇଛି । ସେହିପରି ଅନ୍ୟ କେତେକ ଜିଲ୍ଲାରେ ବର୍ଷା ସହିତ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ୟେଲୋ ଆଲର୍ଟ ଦିଆଯାଇଛି ।



## ଦିଘାରୁ ହଟିଲା ଧାମ ଶବ୍ଦ: ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ଗଣସମ୍ବର୍ଦ୍ଧନା

# ପୁରୀ ହିଁ ବିଶ୍ୱର ଏକମାତ୍ର ଶ୍ରୀଜଗନ୍ନାଥ ଧାମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଟାଉନ ହଲ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭବ୍ୟ ଗଣସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । 'ଶ୍ରୀ ଜଗନ୍ନାଥ ଭକ୍ତ ସେବା ସଂସ୍ଥାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟ ସାଧୁ-ସନ୍ଥ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ସାଦର ସମ୍ବର୍ଦ୍ଧିତ କରିଥିଲେ । ପଶ୍ଚିମବଙ୍ଗର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ସଫଳ ଓ ଐତିହାସିକ ହସ୍ତକ୍ଷେପ ପାଇଁ ସଂସ୍ଥାନ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇ ଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି କହିଥିଲେ ଯେ, ସନାତନ ସଂସ୍କୃତି ଓ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ସମଗ୍ର ବିଶ୍ୱରେ କେବଳ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ । ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି । ଆମ ସରକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା,




ପ୍ରସାର, ଏବଂ ଶ୍ରୀ ମନ୍ଦିରର ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ସତର୍କ ପ୍ରହରୀ ସଦୃଶ ଜଗିକି ରହିବେ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶ୍ୱସ୍ତ କରିଥିଲେ । ସୂଚନା ଯୋଗ୍ୟଯେ ପଶ୍ଚିମବଙ୍ଗର ଦିଘାଠାରେ ନିର୍ମିତ ମନ୍ଦିର ପାଇଁ 'ଧାମ' ଶବ୍ଦର ବ୍ୟବହାର ଓଡ଼ିଆ ଜାତିର ଆଧାତ୍ମିକ ଭାବନାକୁ ଆଘାତ ଦେଇଥିଲା । ଏହି ସଂବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ସରକାର ଦୃଢ଼ ହସ୍ତକ୍ଷେପ କରିବା ସହ ସାଂସଦ ଶ୍ରୀ ସମ୍ବିତ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାର ସକାରାତ୍ମକ ପ୍ରଭାବ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କିମ୍ବା ଅହଂକାର କରିଛନ୍ତି, ସେମାନେ ନିର୍ବାଚନରେ ତାର ଫଳ ଭୋଗିଛନ୍ତି, କାରଣ କାଳିଆ ସାଆନ୍ତଙ୍କ ପାଖରେ ଅହଂକାରର କୌଣସି ସ୍ଥାନ ନାହିଁ । ଏହି ଅବସରରେ 'ଓଡ଼ିଆ ଅସ୍ମିତା'ର ସରକାର ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରର ଶାସ୍ତ୍ରୀୟ ପରମ୍ପରା ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ସରକାର ଗଠନର ପ୍ରଥମ ଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା ଏବଂ ପବିତ୍ର ରତ୍ନଭଣ୍ଡାରର ଗଣତି ମଣତି ପାଇଁ ପଦକ୍ଷେପ ନେବା ସରକାରଙ୍କ ଆନ୍ତରିକତାକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଛନ୍ତି । ଏହା ସହିତ ଗରିବ ଓ ବରିଷ୍ଠ ନାଗରିକମାନଙ୍କୁ ନିଶୁଳ୍କ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରାଇବା ପାଇଁ ଆରମ୍ଭ ହୋଇଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ମାଧ୍ୟମରେ ଅନେକ ଭକ୍ତ ଉପକୃତ ହୋଇସାରିଥିବା ସେ ସୂଚନା ଦେଇଛନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହେଁ, ବରଂ ସ୍ୱୟଂ ମହାପ୍ରଭୁ ହିଁ ପ୍ରକୃତ ରାଜା ଏବଂ ମୁଖ୍ୟମନ୍ତ୍ରୀ ଆସନ କ୍ଷମତାର ପ୍ରତୀକ ନୁହେଁ ବରଂ ଜନସେବାର ଏକ ମାଧ୍ୟମ ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି । ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାବାସୀ ଓ ଶ୍ରୀମନ୍ଦିର ସେବାୟତଙ୍କ ଭାବନାକୁ ସମ୍ମାନ ଜଣାଇ ତୁରନ୍ତ 'ଧାମ' ଶବ୍ଦ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି । ଦୁଇ ପଡ଼ୋଶୀ ରାଜ୍ୟର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ସକାରାତ୍ମକ ପଦକ୍ଷେପ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତିର ପ୍ରାଚୀନ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ସହ ଆନ୍ତଃ-ରାଜ୍ୟ ସାଂସ୍କୃତିକ ସମନ୍ୱୟର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି ହୋଇଛି ।

# ଗୁରୁଗ୍ରାମରେ ମହା ସମାରୋହରେ ରଜ ମହୋତ୍ସବ ଆୟୋଜିତ







ଗୁରୁଗ୍ରାମ/ନୂଆଦିଲ୍ଲୀ : ଗୁରୁଗ୍ରାମଠାରେ ଅଷ୍ଟମ ରଜ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି । ଏହି ଦୁଇଦିନିଆ ପବିତ୍ର ପ୍ଲାବନ ପର୍ବ ଉପଲକ୍ଷେ ଉତ୍ସବର ସ୍ଥାନ ଚାରି ନମ୍ବର ସେକ୍ଟର ସ୍ଥିତ ହୁଡ଼ା କମ୍ୟୁନିଟି ସେଂଟରର ମୁକ୍ତାକାଶ ପ୍ରାଙ୍ଗଣକୁ ଖୁବ୍ ସୁନ୍ଦର ଭାବରେ ସଜାଯାଇଥିବା ଦେଖାଯାଇଥିଲା । ସମଗ୍ର ପରିବେଷ୍ଟନୀ ଏକ କ୍ଷୁଦ୍ର ଓଡ଼ିଶାର ସ୍ୱରୂପ ଧାରଣ କରିଥିଲା । ଦେଶର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀ ଫାଉଣ୍ଡେସନ ଆନୁକୂଲ୍ୟରେ 'ଦେଖୋ ଅପ୍‌ନା ଦେଶ' ବିଷୟବସ୍ତୁ ଉପରେ ଆୟୋଜିତ ଏହି ଭବ୍ୟ ଉତ୍ସବ ଅବସରରେ ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଓ ଉତ୍ତୁଙ୍ଗ ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା । ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ପ୍ରାୟ ୧୫,୦୦୦ ପ୍ରବାସୀ ଓଡ଼ିଆ ଓ ଓଡ଼ିଶାପ୍ରେମୀ ଜନସାଧାରଣଙ୍କର ଏଠାରେ ସମାଗମ ଘଟିଥିବା ଲକ୍ଷ୍ୟ କରାଯାଇଥିଲା । ଏହି ସମାବେଶରେ ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରରେ ଅବସ୍ଥାପିତ ପ୍ରାୟ ୧୫୦ଟି ଓଡ଼ିଆ ସଙ୍ଗଠନର କର୍ମକର୍ତାଗଣ, ଜଗନ୍ନାଥ ମନ୍ଦିରର ପ୍ରତିନିଧିବୃନ୍ଦ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ତୁଙ୍ଗ ନେତୃମଣ୍ଡଳୀ ଯୋଗ ଦେଇଥିବା ଜଣାଯାଇଥିଲା । ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୁରୁଗ୍ରାମର ବିଧାୟକ ମୁକେଶ ଶର୍ମା ରଜ ମହୋତ୍ସବକୁ ଉଦଘାଟନ କରିଥିଲେ । ଉଭୟ ସନ୍ଧ୍ୟାରେ ବିଶିଷ୍ଟ ଅତିଥି ଭାବରେ ଉପସ୍ଥିତ ରହି 'ଟାଟା ମାଇକ୍ରୋ ଏସ୍‌ପିଏମ୍'ର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ସେନ, ଗୁରୁଗ୍ରାମର ମେୟର ରାଜରାଣୀ ମାଲହୋତ୍ରା, ଇଟିବାନ୍ କର୍ପୋ ସାଇନ୍ସ ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ଼ଃ. ନିଖିଲ ଅଗ୍ରୱାଲ, ବିଜେପି ନେତା ଶଙ୍କର ପାଟିଦାର,ରେଶମା ପଟେଲ ଏବଂ କ୍ୟାନ ଉଇନ ଫାଉଣ୍ଡେସନର ପ୍ରତିଷ୍ଠାତା ଡ଼ଃ ଡ଼ି.ପି.ଗୋଏଲ ପ୍ରମୁଖ କଳିଙ୍ଗ ଭାରତୀ ଫାଉଣ୍ଡେସନ ଓ ଏହାର ପ୍ରତିଷ୍ଠାତା ଜାତୀୟ ସଭାପତି ଇଞ୍ଜିନିୟର ଅକ୍ଷୟ କୁମାର ସାମଲଙ୍କର ଓଡ଼ିଶା ଏବଂ ହରିୟାଣାର ପ୍ରାଚୀନ ଓ ପାରମ୍ପରିକ କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବାରେ ପ୍ରଭାବଶାଳୀ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସଭାରେ ପୌରୋହିତ୍ୟ କରି ଉତ୍ସବର ମୁଖ୍ୟ ଆୟୋଜକ ଇଞ୍ଜିନିୟର ଅକ୍ଷୟ କୁମାର ସାମଲ ଏହି ପର୍ବ ପାଳନର ମୁଖ୍ୟ ଲକ୍ଷ୍ୟ ଆମର ମହାନ ସମାବେଶୀ ସଭ୍ୟତାର ସମନ୍ୱୟ ଏବଂ ସଂହତିକୁ ଉପସ୍ଥାପିତ କରିବା ବୋଲି ଉଲ୍ଲେଖ କରିଥିଲେ ।

## ଏକାସଙ୍ଗେ ହିତାଧିକାରୀଙ୍କୁ ମିଳିବ

# ୩ ମାସର ବକେୟା ଭତା: ଉପମୁଖ୍ୟମନ୍ତ୍ରୀ

ବାଲେଶ୍ୱର: ବକେୟା ଭତାକୁ ନେଇ ରାଜ୍ୟ ରାଜନୀତି



ସରଗରମ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦେଇଛନ୍ତି ବଡ ବୟାନ । ବରିଷ୍ଠ ନାଗରିକ ତଥା ଅସହାୟ ଲୋକଙ୍କ ପାଇଁ ଏକ ବଡ଼ ଘୋଷଣା କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମଧୁବାବୁ ପେନସନ ଯୋଜନାରେ ବାକି ଥିବା ଭତା ସଫ୍ଟୱେର୍ ଅପଗ୍ରେଡେସନ କାର୍ଯ୍ୟ ଶେଷ ହେବା ପରେ ହିତାଧିକାରୀଙ୍କୁ ଏକାସଙ୍ଗେ ୩ ମାସର ପ୍ରଦାନ କରାଯିବ । ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଯେପରିକି ଚାନ୍ଦିପୁର, ପଂଚଲିଙ୍ଗେଶ୍ୱର, ରେମୁଣା ଏବଂ ଇଂଚୁଡ଼ିର ସାମଗ୍ରିକ ବିକାଶ ପାଇଁ ନୂତନ 'ହୋମଷ୍ଟେ ପଲିସି' ଏବଂ ପର୍ଯ୍ୟଟନ ନୀତି ଆପଣାଯାଉଛି । ବାଲେଶ୍ୱର ଗସ୍ତରେ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗରିବ କଲ୍ୟାଣ, ମହିଳା ସଶକ୍ତୀକରଣ ଏବଂ କୃଷକ କଲ୍ୟାଣ ଦିଗରେ ଭାରତ ତଥା ଓଡ଼ିଶା ନୂଆ ମାଇଲଖୁଂଟ ସ୍ଥାପନ କରୁଥିବା ସେ ପ୍ରକାଶ କରିଛନ୍ତି ।

# ଆଜି ବନ୍ଦ ରହିବ ନନ୍ଦନକାନନ ଉଦ୍ୟାନ

ବାରଙ୍ଗ : ରଜ ପାଇଁ ସୋମବାର ନନ୍ଦନକାନନ ଖୋଲା ରହିଥିଲା




ଏବଂ ମଙ୍ଗଳବାର (୧୬ ତାରିଖ) ବନ୍ଦ ରହିବ । ସୋମବାର ପର୍ଯ୍ୟଟକଙ୍କ ପାଇଁ ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରହିବ ବୋଲି କର୍ତୃପକ୍ଷ ସୂଚନା ଦେଇଛନ୍ତି । ରବିବାର ପହିଲି ରଜରେ ନନ୍ଦନକାନନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଗରମ ଗୁଳୁଗୁଳିକୁ ଖାତିର ନକରି ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସିଥିଲେ । ବିଶେଷକରି ଓଡ଼ିଆ ପର୍ଯ୍ୟଟକଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ନନ୍ଦନକାନନରେ ମୋଟ ୨୯ ହଜାର ୩୮୦ ପର୍ଯ୍ୟଟକ ବୁଲିଛନ୍ତି । ସେଥିରେ ପ୍ରାଣୀ ଉଦ୍ୟାନରେ ୨୭ ହଜାର ୧୯୨ ଜଣ ଓ ଉଦ୍ଭିଦ ଉଦ୍ୟାନରେ ୨ ହଜାର ୧୮୮ ପର୍ଯ୍ୟଟକ ବୁଲିଥିଲେ । ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ବିଶେଷ କରି ବହୁ ସଂଖ୍ୟାରେ ଛୋଟ ପିଲା ବୁଲିବାକୁ ଆସିଥିଲେ । ସକାଳୁ ସକାଳୁ ଟିକଟ କାଉଂଟର, ଗାଡ଼ିଷ୍ଟାଣ୍ଡ୍‌ରେ ଭିଡ଼ ଆରମ୍ଭ ହୋଇଯାଇଥିଲା । ବାଘ, ଭାଲୁ, ସିଂହ, ଜିରାଫ, ପକ୍ଷୀ ଖୁଆଡ଼ ପାଖରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜମା ହୋଇଥିଲେ । ଶିଶୁ ଉଦ୍ୟାନରେ ପିଲାମାନେ ଦୋଳି ଖେଳିଥିଲେ ।

# ଆସନ୍ତା ୧୮ରେ ଖୋଲିବ ସ୍କୁଲ : ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ





ଭୁବନେଶ୍ୱର: ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ନେଇ ସ୍କୁଲ ଖୋଲିବା ନ ଖୋଲିବା ଚର୍ଚ୍ଚା ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋମବାର ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ, ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପୂର୍ବ ନିଷ୍ପତି ଅନୁଯାୟୀ ଖୋଲିବ । ବର୍ତମାନ ସୁଦ୍ଧା ସ୍କୁଲ ଖୋଲିବା ତାରିଖରେ କୌଣସି ପରିବର୍ତନ ସମ୍ପର୍କରେ ସରକାରଙ୍କ ପକ୍ଷରୁ ନିଷ୍ପତି ହୋଇନାହିଁ । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ପାଣିପାଗ ପରିସ୍ଥିତି ଉପରେ ସରକାରଙ୍କ ନଜର ରହିଛି । ଯଦି ୧୮ ତାରିଖ ପର୍ଯ୍ୟନ୍ତ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଏ ଓ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୁଏ, ତେବେ ସରକାର ପରିସ୍ଥିତିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେଇପାରନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସ୍କୁଲ ଖୋଲିବା ନିଷ୍ପତିରେ କୌଣସି ପରିବର୍ତନ ହୋଇନାହିଁ । ଗ୍ରୀଷ୍ମ ପ୍ରବାହ କାରଣରୁ ରାଜ୍ୟରେ ଛୁଟି ବୃଦ୍ଧି କରାଯାଇଥିବାବେଳେ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍କୁଲ ଖୋଲିବା ନେଇ ଆଗ୍ରହ ଓ ଉତ୍ସୁକତା ଦେଖାଯାଉଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ଏହି ସ୍ପଷ୍ଟୀକରଣ ଚର୍ଚ୍ଚାର ଅବସାନ ଘଟାଇଛି । ସରକାରଙ୍କ ନିଷ୍ପତି ଅନୁଯାୟୀ, ଆସନ୍ତା ୧୮ ତାରିଖରୁ ରାଜ୍ୟର ସମସ୍ତ ସ୍କୁଲରେ ପାଠପଢ଼ା ସ୍ୱାଭାବିକ ଭାବେ ଆରମ୍ଭ ହେବ । ତେବେ ପାଣିପାଗ ପରିସ୍ଥିତିରେ ହଠାତ୍ ପରିବର୍ତନ ଆସିଲେ ସରକାର ପରବର୍ତୀ ନିଷ୍ପତି ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ତୀରନ୍ଦାଜି ବିଶ୍ୱକପ୍: ଧୀରଜଙ୍କୁ ଯୁଗଳ ସ୍ୱର୍ଣ୍ଣ

ଅନ୍ତଲ୍ୟା: ଭାରତର ତାରକା ତୀରନ୍ଦାଜ ଧୀରଜ ବୋମ୍ମାଦେବରା




ବିଶ୍ୱକପ୍ ସ୍ୱର୍ଣ୍ଣ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି । ଏଠାରେ ଚାଲିଥିବା ତୀରନ୍ଦାଜି ବିଶ୍ୱକପ୍ ଷ୍ଟେଜ୍୩ରେ ମିଶ୍ରିତ ଯୁଗଳ ସହ ଏକକରେ ସ୍ୱର୍ଣ୍ଣ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି ଧୀରଜ । ଚଳିତ ଋତୁରେ ପ୍ରଥମ ଥର ଏକାଠି ଖେଳୁଥିବା ୨୪ ବର୍ଷୀୟ ଅଲିମ୍ପିଆନ୍ ଧୀରଜ ଓ ୧୭ ବର୍ଷୀୟ କୁମ୍‌କୁମ୍ ଅନିଲ ମେହୁଦ ମିଶ୍ରିତ ଯୁଗଳ ରିକର୍ଭ ଫାଇନାଲ୍‌ରେ ୫-୧ (୩୭-୩୬, ୩୭-୩୬, ୩୯-୩୯)ରେ କୋରିଆର କିମ୍ ଜେ-ଡିଓକ୍ ଓ ଓ ୟି ଜିନ୍‌ଙ୍କୁ ପରାସ୍ତ କରିଛନ୍ତି । ଫାଇନାଲ୍ ପୂର୍ବରୁ ଏହି ଯୋଡ଼ି ଡେନ୍‌ମାର୍କକୁ ୬-୦, ଆମେରିକାକୁ ୬-୨ ଓ ଜର୍ମାନୀକୁ ୬-୨ ରେ ହରାଇଥିଲେ । ଏକକ୍ ବର୍ଗ ଫାଇନାଲ୍‌ରେରେ ଧୀରଜ ୭-୩ (୩୦-୨୯, ୨୯-୨୮, ୨୭-୨୭, ୨୭-୨୯, ୩୦-୨୯)ରେ ପ୍ୟାରିସ୍ ଅଲିମ୍ପିକ୍ କାଂସ୍ୟ ବିଜେତା ଦକ୍ଷିଣ କୋରିଆର ଲି ଉ ସିଓକ୍‌ଙ୍କୁ ମାତ୍ ଦେଇଥିଲେ । ଏହା ପୂର୍ବରୁ ସେମିଫାଇନାଲ୍‌ରେ ଜର୍ମାନୀର ମୋର୍ଟିଜ ୱିଜରଙ୍କୁ ୬-୪ରେ ହରାଇଥିଲେ । ଧୀରଜ ୨୦୨୧ରେ ପଦାର୍ପଣ କରିଥିଲା ବେଳେ ୨୦୨୩, ୨୦୨୪ ଓ ୨୦୨୫ରେ କାଂସ୍ୟ ଜିତିଥିଲେ ।

# ଡାଇମଣ୍ଡ ଲିଗ୍‌ରୁ ଅଭିଯାନ ଆରମ୍ଭ କରିବେ ନୀରଜ



ନୂଆଦିଲ୍ଲୀ: ଭାରତର ଷ୍ଟାର ଜାଭେଲିନ ଥ୍ରୋୟର ତଥା ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ଦୋହା ଡାଇମଣ୍ଡ ଲିଗରୁ ପୂନର୍ବାର ପଡିଆକୁ ଓହ୍ଲାଇବେ । ଜୁନ ୧୯ରୁ ଏହି ଲିଗ ଆରମ୍ଭ ହେବ । ୨୦୨୫ ବିଶ୍ୱ ଚାମ୍ପିୟନଶିପରେ ନୀରଜ ୮ମ ସ୍ଥାନରେ ରହିଥିଲେ । ଏହା ପରେ ସେ ଆଉ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ । ଏବେ ୨୭୫ ଦିନ ପରେ ସେ ପଡିଆକୁ ଓହ୍ଲାଇବେ । ନୀରଜ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ୨୦୨୪ ପ୍ୟାରିସ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲେ । ଗତ ବର୍ଷ ଦୋହା ଡାଇମଣ୍ଡ ଲିଗରେ ନୀରଜ ୯୦ ମିଟର ମାର୍କ ଅତିକ୍ରମ କରିଥିଲେ । ହରିୟାଣାର ନୀରଜ ଏବେ ସୁଇଜରଲାଣ୍ଡରେ ୪୭ ଦିନ ଧରି ଫିଜିଓ ଓ କୋଚଙ୍କ ସହ କଡା ଅଭ୍ୟାସ ଜାରୀ ରଖିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ସେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ତେବେ ଏଥିପାଇଁ ଭାରତୀୟ ଆଥଲେଟ ମହାସଂଘ ନିୟମ ଅନୁସାରେ ୮୨.୬୧ ମିଟର ମାର୍କ ଅତିକ୍ରମ କରିବାକୁ ପଡିବ । ଦୋହା ଲିଗରେ ଏଥର ବିଶ୍ୱର ଷ୍ଟାର ଜାଭେଲିନ ଥ୍ରୋୟର ଗ୍ରେନେଡୋର ଆଣ୍ଡରସନ ପିଟର୍ସ, ଆମେରିକାର କୁର୍ଟିସ ଥମ୍ପସନ, ଚେକ ରିପବ୍ଲିକର ୟାକୁବ ବାଲେଶ ଅଂଶଗ୍ରହଣ କରିବେ ।

# ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ: ଆସନ୍ତା ୧୭ ତାରିଖରେ ଭାରତୀୟ କ୍ରିକେଟର ପ୍ରେମୀଙ୍କ ପାଇଁ ଏକ ଉତ୍ସାହର ଦିନ ହେବାକୁ ଯାଉଛି । ଏହି ଗୋଟିଏ ଦିନରେ ଭାରତ ଖେଳିବ ଦୁଇଟି ମ୍ୟାଚ୍ । ତାହା ପୁଣି ଗୋଟିଏ ଦଳ ବିପକ୍ଷରେ । ଆଫଗାନିସ୍ତାନ ବିପକ୍ଷରେ ହିଁ ଏହି ଗୋଟିଏ ଦିନରେ ଦୁଇଟି ମ୍ୟାଚ ଖେଳିବ । ଭାରତ-ଏ ଏବେ ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀ ସିରିଜ ଖେଳୁଛି । ଶ୍ରୀଲଙ୍କା-ଆଫଗାନିସ୍ତାନ ସହ ଚାଲିଛି ମ୍ୟାଚ୍ । ତେବେ ୧୭ ତାରିଖରେ ଭାରତ-ଏ ଆଫଗାନିସ୍ତାନ ଏ'କୁ ଭେଟିବ । ଏହି ମ୍ୟାଚଟି ଦିନ ୧୦ଟା ସମୟରେ ଆରମ୍ଭ ହେବାକୁ ଯାଉଛି । ଯାହାକି ଭାରତୀୟ ଯୁବ କ୍ରିକେଟରମାନେ କ୍ରୀଡ଼ାପ୍ରେମୀଙ୍କ ମନୋରଞ୍ଜନ କରିବେ । ତଥାପି ଆଇପିଏଲରେ କମାଲ କରିଥିବା ବହୁ ଯୁବ ପ୍ରତିଭା ଏହି ଟିମର ସଦସ୍ୟ ରହିଛନ୍ତି । ସେପଟେ ସମାନ ଦିନ ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୟ ମ୍ୟାଚ ଖେଳିବ ।



ଲକ୍ଷ୍ନୌର ଅଟଳ ବିହାରୀ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ । ଦିନ ସଢ଼େ ଗୋଟେରେ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚରେ ବର୍ଷା ପାଇଁ ୨୫ ଓଭର ବିଶିଷ୍ଟ ମୁକାବିଲା ଖେଳାଯାଇଥିବାବେଳେ ଭାରତ ୭ ୱିକେଟରେ ଜିତି ନେଇଥିଲା । ଏବେ ଦ୍ୱିତୀୟ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ । ଏହାସହ ଏହି ଦିନ ଭାରତୀୟ ମହିଳା ଦଳର ମ୍ୟାଚ ମଧ୍ୟ ରହିଛି । ମହିଳା ଟି-୨୦ ବିଶ୍ୱକପ ଇଂଲଣ୍ଡରେ ଖେଳାଯାଉଥିବାବେଳେ ଭାରତ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ହରାଇଛି । ୧୭ ତାରିଖରେ ନେଦରଲ୍ୟାଣ୍ଡ୍ସ ବିପକ୍ଷରେ ମ୍ୟାଚ ଖେଳିବ ଭାରତୀୟ ମହିଳା ଦଳ । ଗୋଟିଏ ଦିନରେ ଭାରତୀୟ ପ୍ରଶଂସକାମାନେ ତିନିଟି ମ୍ୟାଚ ଦେଖିବାକୁ ପାଇବେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**